

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



Vol - 22 ✦ Issue No:83 ✦ 15 July 2026 (Wednesday) ✦ Rourkela ✦ Rs.2.00 ✦ Page -1 ✦ ୨୨ ବର୍ଷ ✦ ସଂଖ୍ୟା:୮୩ ✦ ୧୫ ଜୁଲାଇ ୨୦୨୬ (ବୁଧବାର) ✦ ରାଉରକେଲା ✦ ମୂଲ୍ୟ:ଟ.୨.୦୦ ✦ ପୃଷ୍ଠା-୬


## ମାକ୍ରନଙ୍କ ନିଷ୍ପତି ନେଇ ରୁଷର ଚିନ୍ତା ବଢ଼ିଲା



ପ୍ୟାରିସ୍,୧୪/୭: ରୁଷ ସହିତ ଚାଲିଥିବା ଯୁଦ୍ଧ ମଧ୍ୟରେ ୟୁକ୍ରେନ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ଆଶ୍ୱସ୍ତିକର ଖବର ଆସିଛି । ଫ୍ରାନ୍ସ ଘୋଷଣା କରିଛି ଯେ, ୟୁକ୍ରେନକୁ ନିଜର ଉନ୍ନତ କ୍ଷେପଣାସ୍ତ୍ର, ବାୟୁ ପ୍ରତିରକ୍ଷା ଇଂଟରସେପ୍ଟର ଏବଂ ଗ୍ଲାଇଡ୍ ବୋମାର ଘରୋଇ ଉତ୍ପାଦନ ପାଇଁ ଏକ ସରକାରୀ ଲାଇସେନ୍ସ ପ୍ରଦାନ କରିବ । ଏକ ସାମ୍ବାଦିକ ସମ୍ମିଳନୀରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଏହି ଐତିହାସିକ ନିଷ୍ପତି ଘୋଷଣା କରିଛନ୍ତି । ପ୍ରଥମ ଥର ପାଇଁ ଫ୍ରାନ୍ସ କୌଣସି ଦେଶକୁ ନିଜର ଅସ୍ତ୍ରଶସ୍ତ୍ର ଉତ୍ପାଦନ କରିବାର ଅଧିକାର ଦେଇଛି । ରାଷ୍ଟ୍ରପତି ମାକ୍ରନ ଏବଂ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ରୋଡମ୍ୟାପରେ ଅନେକ ଘାତକ ଅସ୍ତ୍ର ପ୍ରଣାଳୀ ଅନ୍ତର୍ଭୁକ୍ତ ରହିଛି । ଏହି ଚୁକ୍ତିନାମାରେ ମୁଖ୍ୟତଃ ସ୍କାଲ୍ପ ଦୂରଗାମୀ କ୍ରୁଜ୍ କ୍ଷେପଣାସ୍ତ୍ର, ଆଷ୍ଟର ବାୟୁ ପ୍ରତିରକ୍ଷା ଇଂଟରସେପ୍ଟର ଏବଂ ଆସମ ପ୍ରିସିସନ୍-ଗାଇଡେଡ୍ ବାୟୁରୁ ଭୂମି ବୋମା ଅନ୍ତର୍ଭୁକ୍ତ ରହିଛି । ଏହି ପଦକ୍ଷେପ ରୁଷ ଉପରେ ୟୁକ୍ରେନର ଆକ୍ରମଣ କରିବାର କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିବ । କାରଣ ଏହି ଅସ୍ତ୍ରଶସ୍ତ୍ର ଯୋଗାଣ ପାଇଁ ୟୁକ୍ରେନକୁ ଆଉ ବିଦେଶୀ ପରିବହନ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ । କ୍ଷେପଣାସ୍ତ୍ର ଉତ୍ପାଦନ ବ୍ୟତୀତ, ଫ୍ରାନ୍ସ ୟୁକ୍ରେନକୁ ଏହାର ପରବର୍ତୀ ପିଢ଼ିର ପ୍ରତିରକ୍ଷା ପ୍ରଣାଳୀରେ ସଜ୍ଜିତ କରିବାକୁ ଯାଉଛି । ରାଷ୍ଟ୍ରପତି ମାକ୍ରନ ଘୋଷଣା କରିଛନ୍ତି ଯେ, ଫ୍ରାନ୍ସ ୟୁକ୍ରେନକୁ ଅତ୍ୟାଧୁନିକ ରାଡାର ସିଷ୍ଟମ ଏବଂ ୧୬ଟି ରାଫେଲ ଯୁଦ୍ଧ ବିମାନ ହସ୍ତାନ୍ତର କରିବ । ଏହି ରାଫେଲ ବିମାନଗୁଡ଼ିକ ୨୦୨୮ କିମ୍ବା ୨୦୨୯ ସୁଦ୍ଧା ୟୁକ୍ରେନୀୟ ଆକାଶ ସୀମାରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି । ଏହା ସହିତ, କିଭ୍ ପରବର୍ତ୍ତୀ ପିଢ଼ିର ସାମ୍ପ/ଟି ବାୟୁ ପ୍ରତିରକ୍ଷା ପ୍ରଣାଳୀ ପାଇଁ ଅର୍ଡର ଦେଇଛି, ଯାହାର ବିତରଣ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜୁଲାଇ ୮ ତାରିଖରେ ୟୁକ୍ରେନକୁ ପାଟ୍ରିଅଟ୍ କ୍ଷେପଣାସ୍ତ୍ର ଉତ୍ପାଦନ ପାଇଁ ଲାଇସେନ୍ସ ପ୍ରଦାନ କରିବା ପରେ ଫ୍ରାନ୍ସର ଏହି ନିଷ୍ପତି ଆସିଛି । ୟୁକ୍ରେନ ବହୁ ଦିନ ଧରି ରୁଷର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣର ମୁକାବିଲା କରିବା ପାଇଁ ଏହି କ୍ଷେପଣାସ୍ତ୍ର ନିର୍ମାଣ ପାଇଁ ଅନୁମତି ଚାହୁଁଥିଲା । ଏହା ସହିତ ୟୁକ୍ରେନ ଏବଂ ଅନ୍ୟ ନଅଟି ୟୁରୋପୀୟ ଦେଶ ମଧ୍ୟ ଆଣ୍ଟି-ବାଲାଷ୍ଟିକ୍ ମିସାଇଲ୍ ମେଟଂ ଆରମ୍ଭ କରିଛନ୍ତି, ଯାହାର ଲକ୍ଷ୍ୟ ୟୁରୋପର କ୍ଷେପଣାସ୍ତ୍ର ପ୍ରତିରକ୍ଷା କ୍ଷମତାକୁ ସୁଦୃଢ଼ କରିବା ଏବଂ ୟୁକ୍ରେନର ଘରୋଇ 'ଫ୍ରେୟା' ବାୟୁ ପ୍ରତିରକ୍ଷା ପ୍ରଣାଳୀର ବିକାଶକୁ ସମର୍ଥନ କରିବା । ୟୁକ୍ରେନରେ ସ୍ଥାନୀୟ ଅସ୍ତ୍ରଶସ୍ତ୍ର ଉତ୍ପାଦନ ଯୁଦ୍ଧର ଖର୍ଚ୍ଚ ହ୍ରାସ କରିବା ସହ ଯୋଗାଣ ଶୃଙ୍ଖଳା ବିଳମ୍ବକୁ ମଧ୍ୟ ଦୂର କରିବ । ଏହା ରୁଷ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ସୃଷ୍ଟି କରିଛି । କାରଣ ୟୁକ୍ରେନ ଏହାର ପ୍ରତିରକ୍ଷା ଆବଶ୍ୟକତା ନେଇ ଏବେ ଆତ୍ମନିର୍ଭରଶୀଳତା ଆଡକୁ ଗତି କରୁଛି । ପାଶ୍ଚାତ୍ୟ ଦେଶମାନଙ୍କଠାରୁ ଏହି ବର୍ଦ୍ଧିତ ସମର୍ଥନ ୟୁକ୍ରେନର ସାର୍ବଭୌମତ୍ୱକୁ ସୁରକ୍ଷା ଦେବା ପାଇଁ ସେମାନଙ୍କର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ପ୍ରଦର୍ଶନ କରୁଛି ।

## ଯୋଡ଼ା ଲଘୁଚାପ ପାଇଁ ଅଶାନ୍ତ ସମୁଦ୍ର:

### ମତ୍ସ୍ୟଜୀବୀଙ୍କୁ ୫ ଦିନ ସମୁଦ୍ର ବାରଣ



ଚନ୍ଦନେଶ୍ୱର,୧୪/୭(ନି/ପ୍ର): ସମୁଦ୍ରରେ ସୃଷ୍ଟି ହୋଇଛି ଯୋଡ଼ା ଲଘୁଚାପ । ଏହା ପ୍ରଭାବରେ ପ୍ରବଳ ବର୍ଷା,ପବନ, ଘଡ଼ଘଡି ସାଙ୍ଗକୁ ସମୁଦ୍ର ଅଶାନ୍ତ ରହିଛି । ଏଥିପାଇଁ ମତ୍ସ୍ୟଜୀବୀଙ୍କୁ ୧୩ରୁ ୧୭ତାରିଖ ୫ଦିନ ସମୁଦ୍ରକୁ ନଯିବାକୁ ସତର୍କ ସୂଚନା ଦିଆଯାଇଛି । ପାଣିପାଗ ବିଭାଗର ସୂଚନା ଅନୁଯାୟୀମତ୍ସ୍ୟ ବିଭାଗ ଭୋଗରାଇର ପ୍ରମୁଖ ମତ୍ସ୍ୟ ଅବତରଣ କେନ୍ଦ୍ର ଉଦୟପୁର, ତାଳସାରୀ, ରଣସିଂହପୁର ଓକୀତର୍ନିଆରେ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି । ଯେଉଁମାନେ ସମୁଦ୍ରକୁ ଯାଇଛନ୍ତି କୂଳକୁ ଫେରିଆସିବାକୁ କୁହାଯାଇଛି । ଏହାଛଡା ମତ୍ସ୍ୟଜୀବୀମାନଙ୍କ ଡଙ୍ଗା, ମାଛଧରା ଉପକରଣ ସବୁ ସୁରକ୍ଷିତ ସ୍ଥାନରେରଖିବାକୁ କୁହାଯାଇଛି । ଧନ, ଜୀବନ ଜୀବିକାର ସୁରକ୍ଷା ପାଇଁ ଏହା ପାଳନ କରିବା ଅତ୍ୟନ୍ତ ଜରୁରିବୋଲି ଭାରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ(ସାମୁଦ୍ରିକ ସମ୍ପ୍ରସାରଣ) ଅନନ୍ତ କୁମାର ଜେନା କହିଛନ୍ତି । ଭୋଗରାଇରେ ଥିବା ୨୦ଜଣ ସାଗର ମିତ୍ର ପୃଥକ ପୃଥକ ଭାବେ ବିଭିନ୍ନ ମତ୍ସ୍ୟ ଅବତରଣ କେନ୍ଦ୍ରମାନଙ୍କରେଏହି ସଚେତନ ବାର୍ତା ବାଣ୍ଟୁଛନ୍ତି ବୋଲି ସାଗର ମିତ୍ର ସ୍ନେହାଞ୍ଜଳି ଦାସ, ସଂଗ୍ରାମ କେଶରୀ ନନ୍ଦୀ ପ୍ରକାଶ କରିଛନ୍ତି ।

## ଉତ୍କଳମଣିଙ୍କ ଶ୍ରାଦ୍ଧ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪/୭(ନି/ପ୍ର):ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମଙ୍ଗଳବାର ୯୮ତମ ଶ୍ରାଦ୍ଧବାର୍ଷିକୀ । ଏହି ଅବସରରେ ବିଧାନସଭା ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ବାଚସ୍ପତି, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ବିଧାୟକ ଓ ବରିଷ୍ଠ ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ମହାନ ଦେଶଭକ୍ତ, ସେବା ଓ ତ୍ୟାଗର ପ୍ରତୀକ ତଥା ଦୈନିକ 'ସମାଜ'ର ପ୍ରତିଷ୍ଠାତା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଜି ଶ୍ରାଦ୍ଧ ଦିବସ । ଶ୍ରାଦ୍ଧ ଦିବସ ଉପଲକ୍ଷେ ତାଙ୍କ ଅକ୍ଷୟ କୀର୍ତ୍ତିକୁ ସ୍ମରଣ କରି ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି, ତିଳତର୍ପଣ ଓ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅର୍ପଣ କରାଯାଉଛି । ବିଧାନସଭା ପରିସରରେ ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ,ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି, ମନ୍ତ୍ରୀମଣ୍ଡଳର ସଦସ୍ୟ, ବିଧାୟକ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଛନ୍ତି । ଭାରତୀୟ ଇତିହାସର ସେହି ସ୍ୱର୍ଣ୍ଣିମ ପୃଷ୍ଠା, ଯେଉଁଠି ଦେଶପ୍ରେମ ଓ ମାନବ ସେବାର ବିରଳ ଉଦାହରଣ ଦେଖିବାକୁ ମିଳେ,ସେଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନାମ ସର୍ବଦା ତେଜୋଦୀପ୍ତ । ଓଡ଼ିଆ ଜାତୀୟତାର ପ୍ରାଣପ୍ରତିଷ୍ଠାତା, ଅନନ୍ୟ ଶିକ୍ଷାବିତ୍, ସମାଜ ସଂସ୍କାରକ ତଥା ଓଡ଼ିଆ ସାମ୍ବାଦିକତାର ଭୀଷ୍ମ ପିତାମହ ଥିଲେ ପଣ୍ଡିତ ଗୋପବନ୍ଧୁ ।

## କେଜିରୁ ପିଜି ମାଗଣା ଶିକ୍ଷା ଦ୍ୱନ୍ଦ୍ୱ ଦୂର

### ଆଡମିଶନ କରିସାରିଥିଲେ ଫେରିପାଇବେ ଟଙ୍କା, ମନଇଚ୍ଛା ଫି' ବଢାଇପାରିବେନି କଲେଜ

ଭୁବନେଶ୍ୱର, ୧୪/୭(ନି/ପ୍ର): କେଜିରୁ ପିଜି ମାଗଣା ଶିକ୍ଷା ନେଇ ଦ୍ୱନ୍ଦ୍ୱ ଦୂର କଲେ ସରକାର । ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଆସିଲା ଏସଓପି । ଆର୍ଥିକ ଅନଗ୍ରସରତା ପାଇଁ କେହି ଉଚ୍ଚଶିକ୍ଷାରୁ ବଚିଂତ ହେବେ ନାହିଁ । କଲେଜ ନିଜ ମନଇଚ୍ଛା ଫି ବଢାଇ ପାରିବେନି । ପ୍ରଥମ ରାଉଣ୍ଡ ଆଡମିଶନ୍ ରେ ଯେଉଁ ପିଲାମାନେ ଫି ଦେଇସାରିଛନ୍ତି ସେମାନଙ୍କୁ ରିଫଣ୍ଡ ହେବ । ଏବର୍ଷ ରି-ଆଡମିଶନ ସାମ୍ସ ମାଧ୍ୟମରେ କରାଯିବ । ଯେଉଁ ଆକାଉଟଂରୁ ଟଙ୍କା ଆସିଛି, ସେହି ଆକାଉଟଂକୁ ଟଙ୍କା ଫେରିଯିବ । ଏହାଦ୍ୱାରା କୌଣସି କଲେଜ ଉପରେ ଆର୍ଥିକ ଚାପ ପଡ଼ିବନି । ସରକାର ସମସ୍ତ ସହାୟତା ଯୋଗାଇ ଦେବେ । କଲେଜମାନଙ୍କୁ ପ୍ରତି ଶିକ୍ଷାବର୍ଷରେ କିସ୍ତି ହିସାବରେ ପିଲାଙ୍କ ଟଙ୍କା ଦିଆଯିବ । ଆଡମିଶନ୍ ପରେ ୧୦ %ପ୍ରତିଶତ, ଦ୍ୱିତୀୟରେ ୧୫%, ଓ ଏହାପରେ ୨୫, ୨୫ ଓ ୨୫ପ୍ରତିଶତ ଭାବେ ଟଙ୍କା ପ୍ରଦାନ କରାଯିବ । ସେହିପରି ମାଗଣା ଶିକ୍ଷାର ଅନ୍ତର୍ଭୁକ୍ତ ହେବା ପାଇଁ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ସର୍ତାବଳୀ ଘୋଷଣା କରାଯାଇଛି । ଛାତ୍ରଛାତ୍ରୀମାନଙ୍କର ଶ୍ରେଣୀଗୃହରେ ସର୍ବନିମ୍ନ ୭୫% ଉପସ୍ଥାନ ରହିବା ଆବଶ୍ୟକ । କୌଣସି



ପରିସ୍ଥିତିରେ କୋହଳ କରାଗଲେ ସର୍ବନିମ୍ନ ୬୫% ଉପସ୍ଥାନ ବାଧ୍ୟତାମୂଳକ । ନହେଲେ ଏହି ଯୋଜନାରୁ ଛାତ୍ରଛାତ୍ରୀ ବାଦ୍ ପଡ଼ିବେ ।

## ନେପାଳର ୮ଟି ପ୍ରମୁଖ ରାଜପଥ ସମ୍ପୂର୍ଣ୍ଣ ଭାବେ ବନ୍ଦ

କାଠମାଣ୍ଡୁ,୧୪/୭: ଅବିଶ୍ରାନ୍ତ ବର୍ଷା ପରେ ବନ୍ୟା ଏବଂ ଭୂସ୍ଖଳନ ହେତୁ ସୋମବାର ଦିନ ନେପାଳର ବିଭିନ୍ନ ଭାଗରେ ଆଠଟି ପ୍ରମୁଖ ରାଜପଥ ସମ୍ପୂର୍ଣ୍ଣ ଅବରୋଧ ହୋଇଛି । ଏଥି ସହିତ, ଦୁଇଟି ରାସ୍ତାରେ କେବଳ ୱାନୱେ ଟ୍ରାଫିକ୍ ଚାଲୁଛି । ମେଚି ରାଜପଥ ଅନ୍ତର୍ଗତ ଇଲମ ଜିଲ୍ଲାର ଇଲମ ମ୍ୟୁନିସିପାଲିଟି ରାଜଦୁଓ୍ୱାଲି ଅଚଂଳରେ ରାସ୍ତା ଅବରୋଧ ହେତୁ ଝପା-ତପଲାଙ୍ଗ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ପୋଲିସର କହିବା ଅନୁଯାୟୀ, ଏହି ମାର୍ଗ ବନ୍ଦ ଥିବାରୁ ଯାନବାହନକୁ ବିକଳ୍ପ ମାର୍ଗ ଦେଇ ଡାଇଭର୍ଟ କରାଯାଉଛି । ସମ୍ଭାବ୍ୟ ବନ୍ୟା ଆଶଙ୍କା କାରଣରୁ କାଠମାଣ୍ଡୁରୁ ଜନକପୁରକୁ ସଂଯୋଗ କରୁଥିବା ବିପି ରାଜପଥକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ କରିଦିଆଯାଇଛି ।

## ଜାତିସଂଘ ସୁରକ୍ଷା ପରିଷଦରେ ଅସ୍ଥାୟୀ ସଦସ୍ୟତା ପାଇଁ ଅଭିଯାନ ଆରମ୍ଭ କଲା ଭାରତ



ନ୍ୟୁୟର୍କ/ନୂଆଦିଲ୍ଲୀ,୧୪/୭: ଭାରତ ୨୦୨୮-୨୯ କାର୍ଯ୍ୟକାଳ ପାଇଁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସସି)ର ଅସ୍ଥାୟୀ ସଦସ୍ୟ ହେବା ପାଇଁ ନିଜର ନିର୍ବାଚନ ଅଭିଯାନ ଆରମ୍ଭ କରିଛି । ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର କହିଛନ୍ତି ଯେ, ଭାରତ ପାଖରେ ଶାନ୍ତି ପ୍ରତିଷ୍ଠାର ଉଲ୍ଲେଖନୀୟ ରେକର୍ଡ ରହିଛି, ବିକାଶ ପାଇଁ ଭାରତ ଅନ୍ୟ ଦେଶମାନଙ୍କ ସହିତ ସହଭାଗୀ ଏବଂ ଏକ ନିୟମ-ଆଧାରିତ ବିଶ୍ୱ ବ୍ୟବସ୍ଥାରେ ବିଶ୍ୱାସ କରେ । ଏହା ସହିତ ଜୟଶଙ୍କର ଶାନ୍ତି ନେଇ ଭାରତର ଦୃଷ୍ଟିକୋଣ ଉପସ୍ଥାପନ କରିଛନ୍ତି । ଜାତିସଂଘ ମୁଖ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର 'ଶାନ୍ତି: ଜାତିସଂଘ ସୁରକ୍ଷା ପରିଷଦ ୨୦୨୮-୨୯' ପାଇଁ ଭାରତର ମାନଦଣ୍ଡ,ବିଶ୍ୱାସ ଏବଂ ନିଷ୍ଠା ଅଭିଯାନ ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜାତିସଂଘରେ ଥିବା ବିଭିନ୍ନ ଦେଶର ସ୍ଥାୟୀ ପ୍ରତିନିଧି, କୂଟନୀତିଜ୍ଞ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ଭାରତ କହିଛି ଯେ ଜାତିସଂଘ ପ୍ରତି ଏହାର ଆଭିମୁଖ୍ୟ ଶାନ୍ତିର ଧାରଣା ଉପରେ ଆଧାରିତ, ଯାହାର ଅର୍ଥ ହେଉଛି ମାନଦଣ୍ଡ, ବିଶ୍ୱାସ ଏବଂ ଅଖଣ୍ଡତା ମାଧ୍ୟମରେ ଅନ୍ତର୍ଭୁକ୍ତ ପ୍ରଗତି ସୁନିଶ୍ଚିତ କରିବା । ଭାରତ ପୂର୍ବରୁ ୨୦୨୧-୨୨ କାର୍ଯ୍ୟକାଳ ପାଇଁ ସୁରକ୍ଷା ପରିଷଦର ଏକ ଅସ୍ଥାୟୀ ସଦସ୍ୟ ଭାବରେ କାର୍ଯ୍ୟ କରିଥିଲା । ୨୦୨୮-୨୯ କାର୍ଯ୍ୟକାଳ ପାଇଁ ନିର୍ବାଚନ ଆସନ୍ତା ବର୍ଷ ଜୁନ୍ ମାସରେ ଅନୁଷ୍ଠିତ ହେବ । ଭାରତ ଏବଂ ତାଜିକିସ୍ତାନ ଏସିଆ-ପ୍ରଶାନ୍ତ ମହାସାଗରୀୟ ଗୋଷ୍ଠୀର ଏକମାତ୍ର ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ । ଜୟଶଙ୍କର ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ସେ ପୂର୍ବରୁ ଜୁଲାଇ ୫-୧୦ ପର୍ଯ୍ୟନ୍ତ କତାର, ବାହାରିନ, କୁଏତ ଏବଂ ଓମାନ ଗସ୍ତ କରିଥିଲେ । ସେ ସପ୍ତାହାନ୍ତରେ ନ୍ୟୁୟର୍କରେ ପହଚିଂଥିଲେ । ସେ ଜୁଲାଇ ୧୪-୧୫ ରେ ବ୍ରସେଲ୍ସରେ ଭାରତ-ୟୁରୋପୀୟ ସଂଘ ବାଣିଜ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ପରିଷଦର ତୃତୀୟ ବୈଠକରେ ଅଂଶଗ୍ରହଣ କରିବେ ଏବଂ ୟୁରୋପୀୟ ସଂଘ ଏବଂ ବେଲଜିୟମର ତାଙ୍କ ପ୍ରତିପକ୍ଷଙ୍କୁ ମଧ୍ୟ ଭେଟିବେ । ଜାତିସଂଘ ସୁରକ୍ଷା ପରିଷଦ ନିର୍ବାଚନ ଏପରି ଏକ ସମୟରେ ହେଉଛି ଯେତେବେଳେ ବିଶ୍ୱ ଦ୍ରୁତ ଗତିରେ ପରିବର୍ତିତ ହେଉଥିବା ଭୂରାଜନୈତିକ ଦୃଶ୍ୟପଟର ସମ୍ମୁଖୀନ ହେଉଛି । ୟୁକ୍ରେନ ଯୁଦ୍ଧ, ଗାଜା ସଂଘର୍ଷ ଏବଂ ଇରାନ ବିରୁଦ୍ଧରେ ଆମେରିକା-ଇସ୍ରାଏଲ ସାମରିକ କାର୍ଯ୍ୟାନୁଷ୍ଠାନ ଭଳି ଘଟଣା ବିଶ୍ୱ ରାଜନୀତିକୁ ଆକାର ଦେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ସପ୍ତାହରେ ଇଣ୍ଡୋନେସିଆ ସଂସଦକୁ ସମ୍ବୋଧିତ କରି କହିଥିଲେ ଯେ, ଯେତେବେଳେ ବିଶ୍ୱ କ୍ରମ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି, ଭାରତ ଭଳି ବିକାଶଶୀଳ ଦେଶମାନେ ବିଶ୍ୱ ବ୍ୟାପାରରେ ସମାନ ଅଂଶଗ୍ରହଣ ଏବଂ ଅଧିକ ପ୍ରଭାବଶାଳୀ ଭୂମିକା ଚାହାଁନ୍ତି । ସେ କହିଥିଲେ ଯେ ଏହି ପରିବର୍ତିତ ବିଶ୍ୱ ଦୃଶ୍ୟପଟରେ ଜାତିସଂଘ ସୁରକ୍ଷା ପରିଷଦର ସଂସ୍କାର ଅତ୍ୟାବଶ୍ୟକ ହୋଇଯାଇଛି । ଭାରତ ଦୀର୍ଘଦିନ ଧରି ଜାତିସଂଘ ସୁରକ୍ଷା ପରିଷଦର ବ୍ୟାପକ ସଂସ୍କାର ପାଇଁ ଏକ ପ୍ରମୁଖ ପ୍ରବକ୍ତା ହୋଇଆସିଛି । ଭାରତ ଅନୁସାରେ ୧୯୪୫ମସିହାରେ ପ୍ରତିଷ୍ଠିତ ୧୫ ସଦସ୍ୟ ବିଶିଷ୍ଟ ସୁରକ୍ଷା ପରିଷଦ ଆଉ ୨୧ ଶତାବ୍ଦୀର ଆବଶ୍ୟକତା ଏବଂ ବର୍ତ୍ତମାନର ଭୂ-ରାଜନୈତିକ ବାସ୍ତବତାକୁ ପୂରଣ କରୁନାହିଁ । ତେଣୁ, ପରିଷଦର ସଦସ୍ୟତାକୁ ସ୍ଥାୟୀ ଏବଂ ଅସ୍ଥାୟୀ ଉଭୟ ବର୍ଗରେ ବିସ୍ତାର କରାଯିବା ଉଚିତ୍ ।

## ଘରେ ପଶିଗଲା ଟ୍ରକ: ଚାଲିଗଲା ମହିଳାଙ୍କ ଜୀବନ



ସମ୍ବଲପୁର,୧୪/୭(ନି/ପ୍ର): ସଦର ଥାନା ଅତର୍ଗତ ପଡ଼ିଆବାହାଲ ଅଂଚଳ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସ୍ତନ୍ୟପାନ କରୁଥିବା କୋମଳମତି ଝିଅ ପାଖରୁ ମାକୁ ଛଡାଇନେଲା ଟ୍ରକ ଦୁର୍ଘଟଣା । ମୃତ ମା ଦୀପାଞ୍ଜଳି ଭୋଇ (୩୪)ଙ୍କ ରାସ୍ତା ଉପରେ ଶବ ରଖି ଜାତୀୟ ରାଜପଥ ଅବରୋଧ କରାଯାଇଛି । ପୁଲିସ ସହାୟତାରେ ଶିଶୁକୁ ସମ୍ବଲପୁର ହସ୍ପିଟାଲକୁ ସ୍ଥାନାନ୍ତର । ପଡିଆବାହାଲ, ବାରିବନ୍ଧ ଛକରେ ସକାଳ ପାଖାପାଖି ୬.୪୦ରେ ଦୁର୍ଘଟଣା ହୋଇଛି । ସ୍ତନ୍ୟପନ ସମୟରେ ଘର ଭିତରେ ଟ୍ରକ ପଶି ଓଲଟିପଡିଥିଲା । ଏହାକୁନେଇ ସ୍ଥାନୀୟ ଲୋକଙ୍କ ବଢିଛି ପ୍ରତିକ୍ରିୟା ଓ ରାସ୍ତାରୋକ ହୋଇଛି । ଘଟଣା ସ୍ଥଳରେ ପୁଲିସ ପହଚିଂ ନେଉଛନ୍ତି ପଦକ୍ଷେପ ।

## ଯୁଦ୍ଧକୁ ଡେଇଁଲା ସାଉଦି: ଟ୍ରମ୍ପଙ୍କ ସମର୍ଥନରେ ହୁତିଙ୍କ ସହ ମୁହାଁମୁହିଁ



ସାନା/ରିଆଦ,୧୪/୭: ମଧ୍ୟପ୍ରାଚ୍ୟରେ ଉତେଜନା ଆଉ କେବଳ ହର୍ମୁଜ୍ ପ୍ରଣାଳୀ ପର୍ଯ୍ୟନ୍ତ ସୀମିତ ନାହିଁ କି ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧରେ ରହି ନାହିଁ । ଯୁଦ୍ଧରେ ଏବେ ଅନ୍ୟ ଉପସାଗରୀୟ ଦେଶ ପ୍ରତ୍ୟକ୍ଷ ଭାବେ ସାମିଲ ହେଉଛନ୍ତି । ସମ୍ପ୍ରତି ସାଉଦି ଆରବ ଯୁଦ୍ଧକୁ ଡେଇଁଛି । ଫଳରେ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଏବେ ଏକ ନୂତନ ଏବଂ ବିନାଶକାରୀ ମୋର୍ଚ୍ଚା ଖୋଲିଛି । ଏହି ମୋର୍ଚ୍ଚାରେ ସାଉଦି ଆରବ ଏବଂ ୟେମେନର ଇରାନ ସମର୍ଥିତ ହୁତି ବିଦ୍ରୋହୀ ପରସ୍ପର ଉପରେ କ୍ଷେପଣାସ୍ତ୍ର ମାଡ଼ କରୁଛନ୍ତି । ରିପୋର୍ଟ ଅନୁଯାୟୀ, ସାଉଦି ଆରବ ୟେମେନର ରାଜଧାନୀ ସାନାରେ ଥିବା ବିମାନବନ୍ଦରକୁ ଟାର୍ଗେଟ କରିଛି । ବିଶେଷଜ୍ଞଙ୍କ ମତରେ, ଏହା ୨୦୨୨ ପରଠାରୁ ଉଭୟ ପକ୍ଷ ମଧ୍ୟରେ ସବୁଠାରୁ ବଡ଼ ଧରଣର ସାମରିକ ମୁହାଁମୁହିଁ ସ୍ଥିତି । ଇରାନର ମାହାନ ଏୟାରଲାଇନ୍ସର ଏକ ବିମାନ ସାନା ବିମାନବନ୍ଦରରେ ଅବତରଣ କରିବାକୁ ଚେଷ୍ଟା କରୁଥିବା ସମୟରେ ଏହି ଘାତକ ଆକ୍ରମଣ ଘଟିଥିଲା । ସାଉଦି ଆରବ ରନୱେରେ କ୍ଷେପଣାସ୍ତ୍ର ମାଡ଼ କରି ବିମାନକୁ ଅବତରଣ ହେବାରୁ ରୋକିବାକୁ ଚେଷ୍ଟା କରିଥିଲା ।ଏହି ବିମାନଟି ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ପ୍ରଥମ ଥର ପାଇଁ ତେହେରାନ ଏବଂ ସାନା ମଧ୍ୟରେ ଉଡ଼ାଣ କରୁଥିଲା । ବିମାନରେ ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲି ଖେମିନିଙ୍କ ଅନ୍ତିମ ସଂସ୍କାରରୁ ଫେରୁଥିବା ଉଚ୍ଚସ୍ତରୀୟ ହୁତି ପ୍ରତିନିଧିମଣ୍ଡଳୀ ଯାତ୍ରା କରୁଥିଲେ । ସାଉଦି ଆରବ ସନ୍ଦେହ କରୁଛି ଯେ, ଇରାନ ହୁତିମାନଙ୍କୁ ଅସ୍ତ୍ରଶସ୍ତ୍ର ଏବଂ ସାମରିକ ପରାମର୍ଶ ଯୋଗାଇବା ପାଇଁ ଏହାର ବ୍ୟବହାର କରୁଛି । ଆମେରିକୀୟ ନ୍ୟୁଜ୍ ୱେବସାଇଟ୍ ଆକ୍ସିଓସର ଏକ ରିପୋର୍ଟ ଅନୁଯାୟୀ, ଆକ୍ରମଣ ପୂର୍ବରୁ ସାଉଦି ଆରବର ଯୁବରାଜ ମହମ୍ମଦ ବିନ୍ ସଲମାନ (ଏମବିଏସ) ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଫୋନ୍ କରି କଥାବାର୍ତା କରିଥିଲେ । ସୂଚନା ଅନୁଯାୟୀ, ହୁତିଙ୍କ ବିରୋଧରେ ଏହି ବଡ଼ ଆକ୍ରମଣ ପାଇଁ କ୍ରାଉନ୍ ପ୍ରିନ୍ସ ଆମେରିକାକୁ ସାମରିକ ଏବଂ କୂଟନୈତିକ ସମର୍ଥନ ଅନୁରୋଧ କରିଥିଲେ, ଯାହାକୁ ଟ୍ରମ୍ପ ଗ୍ରହଣ କରିଥିଲେ । ଆମେରିକା କହିଛି, ଆମେ ସହଯୋଗୀ ସାଉଦି ଆରବ ସହିତ ଠିଆ ହୋଇଛୁ । ଏହା ସାଉଦି ଆରବର ମନୋବଳକୁ ବୃଦ୍ଧି କରିଛି । ସାଉଦି ଆରବର କ୍ଷେପଣାସ୍ତ୍ର ଆକ୍ରମଣର ଜବାବରେ, ହୁତିମାନେ ନୀରବ ରହିବା ପରିବର୍ତେ ଆକ୍ରମଣାତ୍ମକ ମନୋଭାବ ଗ୍ରହଣ କରିଛନ୍ତି । ସେମାନେ ସାଉଦିର ବିଭିନ୍ନ ଲକ୍ଷ୍ୟସ୍ଥଳରେ କ୍ଷେପଣାସ୍ତ୍ର ନିକ୍ଷେପ କରିଛନ୍ତି । ସେମାନେ ସାଉଦି ଏୟାରପୋର୍ଟରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ କରିଛନ୍ତି । ହୁତି ସାମରିକ ମୁଖପାତ୍ର ୟାହୟା ସୁରୀ ସାଉଦି ଆରବ ବିରୋଧରେ ଆକ୍ରମଣ ବିଷୟରେ ସୂଚନା ଦେଇଛନ୍ତି । ଏବଂ ଚେତାବନୀ ଦେଇଛନ୍ତି, ଯଦି ସେମାନଙ୍କ ବିମାନକୁ ବାଧା ଦିଆଯାଏ, ତେବେ ସେମାନେ ସାଉଦି ଆରବର ଅନ୍ତର୍ଜାତୀୟ ବିମାନବନ୍ଦରକୁ ଟାର୍ଗେଟ କରିବାକୁ ପଛାଇବେ ନାହିଁ ।

## ୟୁଏଇ ତୈଳ ଟ୍ୟାଙ୍କର ଉପରେ କ୍ଷେପଣାସ୍ତ୍ର ମାଡ଼ କଲା ତେହେରାନ

ଆବୁଧାବି,୧୪/୭: ହର୍ମୁଜ୍ ପ୍ରଣାଳୀରେ ଦୁଇଟି ୟୁଏଇ ତୈଳ ଟ୍ୟାଙ୍କର୍ ଉପରେ ଇରାନୀ କ୍ଷେପଣାସ୍ତ୍ର ଆକ୍ରମଣରେ ଜଣେ ଭାରତୀୟ କ୍ରୁ ସଦସ୍ୟଙ୍କ ମୃତ୍ୟୁ ହୋଇଛି। ସଂଯୁକ୍ତ ଆରବ ଏମିରେଟ୍ସ ପ୍ରତିରକ୍ଷା ମନ୍ତ୍ରଣାଳୟ ଏହା କହିଛି । ଏହି ଆକ୍ରମଣରେ ଛଅ ଜଣ ଭାରତୀୟଙ୍କ ସମେତ ଆଠ ଜଣ ଆହତ ହୋଇଛନ୍ତି । ୟୁଏଇ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ 'ମୋମ୍ବାସା' ଏବଂ 'ଅଲ୍ ବାହିଆ' ନାମକ ତେଲ ଟ୍ୟାଙ୍କର୍ ଗୁଡ଼ିକୁ ଓମାନର ଜଳସୀମାରେ ଷ୍ଟ୍ରେଟର ଦକ୍ଷିଣ ପଥ ଦେଇ ଯାଉଥିବା ସମୟରେ ଟାର୍ଗେଟ କରାଯାଇଥିଲା । ରିପୋର୍ଟ ଅନୁଯାୟୀ, ମୃତ୍ୟୁବରଣ କରିଥିବା ଭାରତୀୟ କ୍ରୁ ସଦସ୍ୟ ମୋମ୍ବାସା ଜାହାଜରେ ଥିଲେ । ମନ୍ତ୍ରଣାଳୟ ସୂଚନା ଦେଇଛି ଯେ ଛଅ ଜଣ ଭାରତୀୟ ଏବଂ ଦୁଇ ଜଣ ୟୁକ୍ରେନୀୟଙ୍କ ସମେତ ଆଠ ଜଣ



ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ଚାରି ଜଣ ଗୁରୁତର ଆହତ ହୋଇଛନ୍ତି । ଇରାନୀ କ୍ଷେପଣାସ୍ତ୍ର ଆକ୍ରମଣରେ ଉଭୟ ଟ୍ୟାଙ୍କରରେ ନିଆଁ ଲାଗିଯାଇଥିଲା ଏବଂ ବହୁତ କ୍ଷତି ହୋଇଥିଲା । ତଥାପି, କ୍ରୁ ସଦସ୍ୟମାନେ ନିଆଁକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିଲେ । ଆକ୍ରମଣ ପରେ ୟୁଏଇ ଏହାକୁ କଡ଼ା ନିନ୍ଦା କରି ଏକ ବିବୃତି ଜାରି କରିଛି ଏବଂ ଚେତାବନୀ ଦେଇଛି ଯେ ଏହା ପ୍ରତିଶୋଧର ଅଧିକାର ସଂରକ୍ଷଣ କରେ । ଆକ୍ରମଣକୁ ଅନ୍ତର୍ଜାତୀୟ ଆଇନର ଏକ ଗମ୍ଭୀର ଉଲ୍ଲଂଘନ ବୋଲି ଅଭିହିତ କରି ୟୁଏଇର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଦେଶ ଏହାର ସାର୍ବଭୌମତ୍ୱ, ସୁରକ୍ଷା ଏବଂ ସାମୁଦ୍ରିକ ସ୍ୱାର୍ଥକୁ ରକ୍ଷା କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବ । ବିବୃତିରେ କୁହାଯାଇଛି, ୟୁଇ ଯେକୌଣସି ବିପଦର ମୁକାବିଲା କରିବାକୁ ଏବଂ ଆଚଂଳିକ ସ୍ଥିରତାକୁ ଦୁର୍ବଳ କରୁଥିବା କାର୍ଯ୍ୟର କଡ଼ା ଜବାବ ଦେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ । ଇରାନର ଏହି ସଦ୍ୟତମ ଆକ୍ରମଣ ୱାଶିଂଟନ ଏବଂ ତେହେରାନ ମଧ୍ୟରେ ତୀବ୍ର ଉତେଜନା ସମୟରେ ହୋଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ନୌସେନା ଅବରୋଧ ପୁନଃ ଆରମ୍ଭ କରିବାର ଘୋଷଣା କରିଥିଲେ । ଏହା ଇରାନ ଉପରେ ଆମେରିକାର ସାମରିକ ଆକ୍ରମଣର ତୃତୀୟ ରାତି । ସେଣ୍ଟ୍ରାଲ୍ କମାଣ୍ଡ ଏକ ବିବୃତ୍ତିରେ କହିଛି ଯେ ଏହା ପୁଣି ଥରେ ଇରାନ ଉପରେ ଆକ୍ରମଣ ଆରମ୍ଭ କରିଛି । ମଙ୍ଗଳବାର ସକାଳେ ଭାରତୀୟ ସମୟ ୩:୧୫ ରେ ଆକ୍ରମଣ ଆରମ୍ଭ ହୋଇଥିଲା ।



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# ଖଣିଜ ସାମଗ୍ରୀ ଚୋରାଚାଲାଣ, ଟ୍ରଲର ଓ ଜେସିବି ସହ ୨ ଗିରଫ





ଯୋଡ଼ା,୧୪/୭(ନି/ପ୍ର): କେନ୍ଦୁଝରଜିଲ୍ଲା ବାମେବାରି ଥାନା ଅନ୍ତର୍ଗତ ନୟାଗଡ଼ ଅଂଚଳରେ ଖଣି ବିଭାଗ ଓ ପୁଲିସର ମିଳିତ ଚଢ଼ାଉ କରାଯାଇଛି । ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଥିବା ବେଳେ ଘଟଣାସ୍ଥଳରୁ ଖଣିଜ ସମ୍ପଦ ଭର୍ତି ଟ୍ରଲର ଓ ଏକ ଜେସିବି ଜବତ ହୋଇଛି । ଥାନା ପକ୍ଷରୁ ମିଳିଥିବା ସୂଚନାନୁସାରେ, ଶନିବାର ଭୋର୍ ସମୟରେ ନୟାଗଡ଼ ରେଳ ସାଇଡ଼ିଂ ନିକଟ ଅଂଚଳରେ ପୂର୍ବରୁ ଖନନ ହୋଇଥିବା ଖଣିଜ ସାମଗ୍ରୀ ଗଚ୍ଛିତ ହୋଇଥିଲା । ଏଥିରୁ ଚାଲାଣ ସମୟରେ ସୂଚନା ପାଇ ଖଣି ଓ ପୁଲିସ ବିଭାଗ ମିଳିତ ଚଢ଼ାଉ କରିଥିଲେ । ଚଢାଉରେ ଖଣିଜ ବୋଝେଇ ହୋଇଥିବା ଟ୍ରେଲର ( ସିଜି ୨୨ ଆର୍ ୧୨୪୫) ଓ ଖନନରେ ବ୍ୟବହୃତ ଥିବା ଜେସିବି ମେସିନ (ଓଡି ୨୩ ବି ୪୫ ୩୭) କୁ ଜବତ କରାଯାଇଛି । ଦୁଇ ଗାଡ଼ି ଚାଳକଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ଲୋହାରଦାଗ ଜିଲ୍ଲା ବାଗୁ ଥାନା ଉପର ହିଶ୍ରି ଅଂଚଳର ସଦାମ ସାଇ ଓ କୁରୁ ଥାନା ଟିକୋ ବାଡ଼କାଟୋଲି ଅଚଯଳର ରାଜେଶ୍ କୁମାର ସିଂ । ଏନେଇ ବାମେବାରି ଥାନାରେ ବିଏନ୍ଏସ୍ ଦଫା ୩୦୩(୨)/୬୧(୨) ଏବଂ ୨୧ ଏମଏମ୍ ?ଡିଆର୍ ଆଇନରେ ୧୬୫/୨୦୨୬ନଂରେ ମାମଲା ରୁଜୁ କରାଯାଇଛି । ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ଥିବା ଆଇ ଆଇ ସି ଝସକେତନ ଭୋଇ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ କି,ଉକ୍ତ ନୟାଗଡ଼ ରେଳ ସାଇଡିଙ୍ଗ ନିକଟ ବିଭିନ୍ନ ଘରୋଇ ଜମିରେ ବହୁ ବର୍ଷ ପୂର୍ବରୁ ବହୁ ପରିମାଣର ଖଣିଜ ଗଚ୍ଛିତ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିଲା । ଉକ୍ତ ଖଣିଜର କେହି ଦାବିଦାର ନ ଥିବାରୁ ଚୋର ମାନେ ବିଭିନ୍ନ ସମୟରେ ମେସିନ ଯୋଗେ ଉକ୍ତ ଖଣିଜ କୁ ଚୋରି କରି ନେଉ ଥିଲେ । ଖବର ପାଇ ବିଭିନ୍ନ ସମୟରେ ପୁଲିସ ଓ ଖଣି ବିଭାଗ ଏହିପରି ଚଢାଉ କରି ଟ୍ରକ୍,ମେସିନ ଜବତ କରିଥାନ୍ତି । ଉକ୍ତ ସ୍ଥାନରେ ଖଣିଜ ପଡ଼ି ରହୁଥିବାରୁ ଚୋରି ବୃଦ୍ଧି ପାଉଥିଲା । ଏହାକୁ ସେଠାରୁ ସ୍ଥାନାନ୍ତର ପାଇଁ ସ୍ଥାନୀୟ ଲୋକେ ଦାବିକରିଆସୁଥିଲେ । କିଛିଦିନ ହେବ ଯୋଡା ଖଣି ବିଭାଗ ସେଠାରେ ପଡ଼ି ରହିଥିବା ପ୍ରାୟ ୧୦ ହଜାର ମେଟ୍ରିକ୍ ଟନ୍ର ଗଚ୍ଛିତ ଖଣିଜକୁ ମେସିନ ଓ ଟ୍ରକ୍ ଲଗାଇ ସେଠାରୁ ନିକଟସ୍ଥ ଦବୁନ ଓ ଏମ୍ସି ଖଣି ପରିସରକୁ ସ୍ଥାନାନ୍ତର କରିଥିଲା । ସେଠାରେ ସମ୍ପ୍ରତି ଅଳ୍ପ କିଛି ପରିମାଣର ଖଣିଜ ସମ୍ପଦ ପଡ଼ି ରହିଛି ।

# କେନ୍ଦୁଝର ଜିଲ୍ଲା ବିଜେପିର ସାଙ୍ଗଠନିକ ବୈଠକ

## ଲୋକଙ୍କ ନିକଟରେ ସରକାରୀ ଯୋଜନା ପହଚାଂଇବା ପାଇଁ ବାର୍ତା ଦେଲେ ଜିଲ୍ଲା ସଭାପତି



କେନ୍ଦୁଝର,୧୪/୭(ନି/ପ୍ର):କେନ୍ଦୁଝର ଜିଲ୍ଲା ବିଜେପି କାର୍ଯ୍ୟାଳୟ ପରିସରରେ ରବିବାର ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଙ୍କ ନେତୃତ୍ୱରେ ଜିଲ୍ଲା ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦୁଝର ଲୋକସଭା ସାଂସଦ ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡ଼ା. ଫକୀରମୋହନ ନାଏକ, ରାଜ୍ୟ ନେତ୍ରୀ ସୁକେଶୀ ଓରାମ, ରାଜ୍ୟ ସମ୍ପାଦିକା ମମତା ସିଂହ, ଘସିପୁରା ବିଧାନସଭା ପ୍ରାର୍ଥୀ ଡ଼. ଶମ୍ଭୁନାଥ ରାଉତ, ପୂର୍ବତନ ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ ପ୍ରମୁଖ ମଚାଂସିନ ହୋଇ ଜିଲ୍ଲାର ସମସ୍ତ ମଣ୍ଡଳର ନେତୃତ୍ୱମାନଙ୍କୁ ଗୁରୁ ମନ୍ତ୍ର ଦେବା ସହିତ ଜିଲ୍ଲାରେ ସଂଗଠନ କୁ ତୃଣମୂଳ ସ୍ତରରେ ମଜବୁତ କରିବା ସହିତ କେନ୍ଦ୍ର ଏବଂ ରାଜ୍ୟ ସରକାର ଙ୍କ ଜନକଲ୍ୟାଣକାରୀ ଯୋଜନାର ଲାଭ କିଭଳି ସାଧାରଣ ଜନତା ପାଇପାରିବେ ସେଥିପାଇଁ କାର୍ଯ୍ୟ କରିବାକୁ ବୁଥ୍ ସ୍ତରର କାର୍ଯ୍ୟକର୍ତା ମାନଙ୍କୁ ବାର୍ତା ଦେଇଛନ୍ତି । ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ମଚଂ ପରିଚାଳନା କରିଥିବା ବେଳେ ତାଙ୍କ ସହଯୋଗୀ ଦୁଇ ସାଧାରଣ ସମ୍ପାଦକ ଅଗନୁ ମହାନ୍ତ ଏବଂ ଯଶସ୍ୱିନୀ ବଳ ସହଯୋଗ କରିଥିଲେ ।

# ଚମ୍ପୁଆ ବିଧାନସଭା ନିର୍ବାଚନ ମଣ୍ଡଳୀ(୨୫)ର ଭୋଟର ତାଲିକା ଚିଠା ପ୍ରକାଶ

ଚମ୍ପୁଆ, ୧୪/୭(ନି/ପ୍ର): ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ.ଆଇ.ଆର) କାର୍ଯ୍ୟକ୍ରମ ଅଧିନରେ ଆଜି ଚମ୍ପୁଆ ସ୍ଥିତ ଉପଜିଲ୍ଲାପାଳଙ୍କ ସଭାକକ୍ଷ ଠାରେ ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜିକରଣ ଅଧିକାରୀ ଉମାକାନ୍ତ ପରିଡା ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଚମ୍ପୁଆ ବିଧାନସଭା ନିର୍ବାଚନ ମଣ୍ଡଳୀ(୨୫) ପାଇଁ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ଅନ୍ତର୍ଗତ ଭୋଟର ତାଲିକା ଚିଠା ପ୍ରକାଶ ପାଇଛି । ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ବିସ୍ତୃତ ତଥ୍ୟ ଉପସ୍ଥାପନ କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ନୂତନ ବୁଥ ଚମ୍ପୁଆ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ଥିବା ୨୫୫ଟି ବୁଥ ସହିତ ଅତିରିକ୍ତ ୪୮ଟି ନୂତନ ବୁଥ ଯୋଗ କରାଯାଇଛି । ପୂର୍ବରୁ ଥିବା ୨,୩୩,୪୦୬ ଜଣ ଭୋଟରଙ୍କ ସ୍ଥାନରେ, ସଂଶୋଧନ ପରେ ବର୍ତମାନ ୨,୨୩,୧୧୭ ଜଣ ଯୋଗ୍ୟ ଭୋଟରଙ୍କ ତାଲିକା ପ୍ରକାଶ ପାଇଛି । ଯାଂଚ୍ ପ୍ରକ୍ରିୟାରେ ୧୦,୨୮୯ ଜଣ ଭୋଟରଙ୍କୁ ଅଯୋଗ୍ୟ ବିବେଚନା କରାଯାଇ ତାଲିକାରୁ ବାଦ୍ ଦିଆଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀରେ ଚମ୍ପୁଆ ସହକାରୀ ଜିଲ୍ଲାପାଳ ଫୁରଲାଇ ବେସରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ଯୋଡ଼ା ଗୋଷ୍ଠି ଉନ୍ନୟନ ଅଧିକାରୀ ଡାନିସ ବେହେରା ଓ ବଡ଼ବିଲ ତହସିଲଦାର ରାକେଶ ପଣ୍ଡା ଏବଂ ଯୋଡ଼ା ପୌରପାଳିକା ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ଓ ବଡ଼ବିଲ ପୌରପାଳିକା ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ ସହିତ ଚମ୍ପୁଆ ଏନଏସିର ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା ତଥା ବୁଥ୍ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ନିଜ ନାମ ଭୋଟର ତାଲିକାରେ ଅଛି କି ନାହିଁ ତାହା ଯାଂଚ୍ କରିନେବାକୁ ପରାମର୍ଶ ଦିଆଯାଇଛି । ଦାବୀ ଓ ଆପତି ଦାଖଲ କରିବାର ଅବଧି ୫।୭।୨୦୨୬ରିଖ ଠାରୁ ୪।୮।୨୦୨୬ରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ଦାବୀ ଏବଂ ଆପତିର ନିଷ୍ପତି ୫।୭।୨୦୨୬ରିଖ ଠାରୁ ୨।୯।୨୦୨୬ରିଖ ରଖାଯାଇଛି । ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ ୬।୯।୨୦୨୬ରିଖ ରଖାଯାଇଛି ବୋଲି ସ୍ଥାନୀୟ ଉପଜିଲାପାଳ ଶ୍ରୀ ପରିଡା ସୂଚନା ଦେଇଛନ୍ତି ।

# ଅବିଭକ୍ତ କୋରାପୁଟ ଜିଲାରେ ଜଙ୍ଗଲ କ୍ଷୟ ପରିବେଷ ପାଇ ବିପଦ

ଜୟପୁର,୧୪/୭(ନି/ପ୍ର): ଅବିଭକ୍ତ କୋରାପୁଟ ଜିଲା ଘଂଚ ଜଙ୍ଗଲରେ ପରିପୁଷ୍ଟ ଥିଲା । ଧିରେ ଧିରେ ଲୋପ ପାଇବାକୁ ବସିଲାଣି ଜଙ୍ଗଲ . ଯାହାକି ପରି ବେଷ ପାଇ ବିପଦ ସୃଷ୍ଟି କରିଛି । ଦିନେ ଶୀତଳ ଥିବା କୋରାପୁଟ ଜିଲା ଏବେ ୪୦ ଡିଗ୍ରୀ ତାପ ମାତ୍ରାରେ ପହଂଚିଲାଣି । ଆଗାମି ଦିନରେ ଜିଲା ପ୍ରତି ମଧ ବିପଦ ରହିଛି । ପ୍ରତିବର୍ଷ ପାଳିତ ହେଉଥିବା ବିଶ୍ୱ ପରିବେଶ ଦିବସ ନୁହେଁ ବରଂ ପ୍ରତିଟି ଦିନ ଆମେ ପରିବେଶର ସୁରକ୍ଷା ପ୍ରତି ଯତ୍ନବାନ ହେବା ଜୁରରୀ । ଜଳଭାଗ ଓ ସ୍ଥଳଭାଗରେ ବିଭିନ୍ନ ପ୍ରକାର ସଜୀବମାନେ ବାସ କରନ୍ତି । କୀଟ, ପତଙ୍ଗ, ଗଛ, ଗାଈଗୋରୁ ପ୍ରମୁଖ ସ୍ଥଳ ଭାଗରେ ଥିବା ସମୟରେ ମାଛ, ଜଳଜ ଉଦ୍ଭିଦ ପରି କେତେକ ମୁଖ୍ୟତଃ ଜଳ ଭାଗରେ ବସବାସ କରନ୍ତି । ଅବିଭକ୍ତ କୋରାପୁଟ ଜିଲାରେ ସ୍ଥଳ ଭାଗରେ ଥିବା ଜୈବ ସନ୍ତୁଳନ ମୁଖ୍ୟତଃ ଜଙ୍ଗଲ ପୋଡି, ଗାଈଗୋରୁମାନଙ୍କ ଅତ୍ୟଧିକ ଚରାଚର ପ୍ରବୃତି, ଜଙ୍ଗଲ କ୍ଷୟ ପ୍ରଭୃତି ଯୋଗୁ ନଷ୍ଟ ହେବାରେ ଲାଗିଛି । ବନ୍ୟପ୍ରାଣୀମାନେ ନିଜ ବାସସ୍ଥଳୀ ହରାଇବା ସହିତ ବାସହରା ହୋଇଯାଇଛନ୍ତି । ଏହାର ପ୍ରମୁଖ କାରଣ ଭିତରେ ମୁଖ୍ୟତଃ ଲୋକମାନେ ନିଜର ଆବଶ୍ୟକତାକୁ ଚରିତାର୍ଥ କରିବା ନିମନ୍ତେ କଳକାରଖାନା ଓ ଜନବସତି ସ୍ଥାପନ କରୁଛନ୍ତି । ପରିବେଶ ସନ୍ତୁଳନ ଆଜି ନଷ୍ଟ ପ୍ରାୟ । ନା ଅଛି ପଶୁପକ୍ଷୀମାନଙ୍କ ପାଇଁ ବାସସ୍ଥାନ, ନା ଅଛି ଜୈବ ସନ୍ତୁଳନ ସହରୀକରଣ ଏହାର ପ୍ରମୁଖ କାରଣ । ଜଳଭାଗ ଓ ସ୍ଥଳଭାଗରେ ବିଭିନ୍ନ ପ୍ରକାର ସଜୀବ ବାସ କରନ୍ତି । କୀଟ, ପତଙ୍ଗ, ଗଛ, ଗାଈଗୋରୁ ପ୍ରମୁଖ ସ୍ଥଳ ବା ଭାଗରେ ଥିବା ସମୟରେ ମାଛ, ଜଳଜ ଉଦ୍ଭିଦ ପରି କେତେକ ମୁଖ୍ୟତଃ ଜଳ ଭାଗରେ ବସବାସ କରନ୍ତି । ଏହି ସ୍ଥଳ ଭାଗରେ ଥିବା ଜୈବ ସନ୍ତୁଳନ ମୁଖ୍ୟତଃ ଜଙ୍ଗଲ ପୋଡି, ଗାଈଗୋରୁମାନଙ୍କ ଅତ୍ୟକ ଚରାଚର ପ୍ରବୃତି, ଜଙ୍ଗଲ କ୍ଷୟ ପ୍ରଭୃତି ଯୋଗୁଁ ନଷ୍ଟ ହେବାରେ ଲାଗିଛି । ପରିବେଶର ଜୈବ ବିବିଧତାକୁ ସଂରକ୍ଷଣ କରିବା ଆମର ପ୍ରଧାନ କର୍ତବ୍ୟ । ଏହା ପୃଥିବୀରେ ଜୀବନ ସହାୟତା ପ୍ରଣାଳୀର ସ୍ଥାୟୀ ଉପଯୋଗ । ପ୍ରକୃତିର ଶୋଭାରେ ପ୍ରଲୁବ୍ଧ ମଣିଷ ଏବେ ସ୍ୱାର୍ଥ ସର୍ବସ୍ୱ ନିଶାରେ ମସଗୁଲ । ଆମ ପରିବେଶ, ଆମ ଜୀବନ । ମଣିଷ ନିଜର ଆଶାକୁ ପୂରଣ କରିବା ପାଇଁ ସବୁକିଛିକୁ ବଳି ଦେବାର ଉଦାହରଣ ସର୍ବତ୍ର ଦେଖିବାକୁ ମିଳେ । କାରଣ ମଣିଷ ଲୋଭର ବଶବର୍ତୀ । ନିଜର ଲାଳସା ଉପରେ ମଣିଷର ଅକ୍ତିଆର ନାହିଁ । ବିଜ୍ଞାନର ବଳରେ ବଳୀୟାନ ଏହି ମାନବ ସମାଜ ଏବେ କ୍ଷଣିକ ସମୟରେ ସୃଷ୍ଟି କରିପାରୁଛି ପ୍ରଦୂଷଣର ବିଷ ମଞ୍ଜି । ଯେଉଁ ପରିବେଶ ଦିନେ ଘଂଚ ଜଙ୍ଗଲ ଶସ୍ୟଶ୍ୟାମଳା ଥିଲା ଆଜି ସେଠାରେ ନିରବତା ସୃଷ୍ଟି ହୋଇଛି । କୃଷି କ୍ଷେତ୍ରରେ ଉତ୍ପାଦ ବୃଦ୍ଧି କରିବା ପାଇଁ ମଣିଷ ବ୍ୟବହାର କରୁଛି ବିଭିନ୍ନ ରାସାୟନିକ ବିଷ । ଏହା ଯୋଗୁଁ ବାୟୁମଣ୍ଡଳ ନଷ୍ଟ ହେବା ସହ ରାସାୟନିକ ସାରର ପ୍ରୟୋଗରେ ମୃତ୍ତିକାର ଉର୍ବରତା ବି ନଷ୍ଟ ହେଉଛି । ବିଭିନ୍ନ ପୂଜାପର୍ବରେ ଡ଼ାକବାଜି ଯନ୍ତ୍ରର ଚାହିଦା ଯୋଗୁଁ ଅନେକ ଶବ୍ଦ ପ୍ରଦୂଷଣ ବି ହେଉଛି । ସୁତରାଂ ବର୍ତମାନ ସମୟରେ ପରିବେଶରେ ବୃଦ୍ଧି ପାଇଛି ପ୍ରଦୂଷଣର ଚିତ୍ର । ପରିବେଶର ପାରିପାର୍ଶ୍ୱିକ ସ୍ଥିତି ଏ ସଂଜ୍ଞାହୀନ ହେବାକୁ ବସିଲାଣି । ପ୍ରକୃତିକୁ ନେଇ ଇଏ ସମାଜ । ପ୍ରକୃତିର କରାଳ ରୂପକୁ ମାନବ ମୁହୂର୍ତକ ପାଇଁ ମଧ ସହ୍ୟ କରିବା କଷ୍ଟକର ହୋଇପଡ଼େ । ଆଜି ଜୀବନ ଜୀଇଁବାର ପ୍ରତ୍ୟେକଟି ସୋପାନରେ କେବଳ ପ୍ରଦୂଷଣର ଏବେ ବିଷ । ତେଣୁ ଗଛ ଲଗାଇ ପରିବେଶକୁ ସୁରକ୍ଷା ଦେବାକୁ ଆହ୍ୱାନ ଦିଆଯାଇଛି ।

# କବି କୁମରମଣୀ ତନ୍ତୀଙ୍କ କବିତା ସଂକଳନ 'ବିଦଗ୍ଧ କବିତା' ଲୋକାର୍ପଣ

କେନ୍ଦୁଝର,୧୪/୭(ନି/ପ୍ର): କେନ୍ଦୁଝରଗଡ଼ ସ୍ଥ ସ୍ଥାନୀୟ ରୋଟାରୀ ଭବନ ଠାରେ କବି କୁମରମଣୀ ତନ୍ତୀଙ୍କ କବିତା ସଂକଳନ 'ବିଦଗ୍ଧ କବିତା' ଲୋକାର୍ପଣ ଉତ୍ସବ କେନ୍ଦୁଝର ଅନୁସୂଚିତ ଜାତି ଏକତା ମଂଚ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା । ଏହି ଉତ୍ସବରେ ଅଧ୍ୟକ୍ଷତା କରି ସଭାପତି କବୟିତ୍ରୀ ଗୀତାଞ୍ଜଳୀ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରାରମ୍ଭ ରେ ପୁସ୍ତକର ରଚୟିତା କବି କୁମରମଣୀ ତନ୍ତୀ ନିଜ ସଂଘର୍ଷମୟ ଜୀବନ କାହାଣୀ ଓ ସାହିତ୍ୟ ସାଧନା ସଂପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବରିଷ୍ଠ କବି ମାଗୁଣି ଚରଣ ପାତ୍ର, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଶିକ୍ଷାବିତ୍ ଡଃ ବିଦ୍ୟାଧର ବେହେରା,ବରିଷ୍ଠ କବି ଭରତ ଚନ୍ଦ୍ର ପାତ୍ର, କବି କୈଳାସ ଚନ୍ଦ୍ର ତନ୍ତୀ, ପ୍ରଫେସର ଡଃ ବିଜୟ ପାତ୍ର ଯୋଗ ଦେଇ କହିଥିଲେ ଯେ କବି କୁମରମଣୀ ତନ୍ତୀ ଙ୍କ କବିତା ପୁସ୍ତକ ଏକ ସଫଳ ଦଳିତ ସାହିତ୍ୟ ପୁସ୍ତକ । ଯେଉଁ କବିତା ର ପ୍ରତି ଛତ୍ରେ ଛତ୍ରେ ଘୃଣ୍ୟ ଉତ୍କଟ ଜାତି ପ୍ରଥା , ଦଳିତ ପ୍ରତି ଅନ୍ୟାୟ, ଅତ୍ୟାଚାର, ଶୋଷଣ,କଷଣ ବିରୁଦ୍ଧରେ ସନ୍ଥକବି ଭୀମଭୋଇଙ୍କ ଭଳି ନିରବ ବିଦ୍ରୋହ ସ୍ୱର ପ୍ରତିଧ୍ୱନିତ ହୋଇଛି । ୨୯ଟି କବିତା ସମୁହ ଦଳିତ ନିର୍ଯ୍ୟାତିତ ମାନଙ୍କ ମନରୁ ଜଡତା ,ନିଷ୍କ୍ରିୟତା ଭାଙ୍ଗି ଦେଇ ଚିନ୍ତା ଚେତନାକୁ ମାର୍ଜିତ, ଶାଣିତ, ଉଜ୍ଜିବୀତ ଓ ଉତୋଳିତ କରି ଗଢିତୋଳିବ । ସମସ୍ତ କବିତାକୁ ପ୍ରାଞ୍ଜଳ, ବିସ୍ତୃତ ଭାବେ ସମୀକ୍ଷା କରିଥିଲେ ରାଉରକେଲା ରୁ ଆସିଥିବା ବିଶିଷ୍ଟ ଚିତ୍ରଶିଳ୍ପୀ, ତଥା କବି କାଶୀନାଥ ପାତ୍ର । ସଂପାଦକ ନିରୋଦ କୁମାର ବେହେରା ସଭା ପରିଚାଳନାକରି ମଞ୍ଚସ ସଂଯୋଜନା କରିଥିଲେ । ଏହି ଅବସରରେ ସାମ୍ବାଦିକ ସୁଜଳ ସେଠୀ ଓ ବହୁଜନ ନେତା ସୋମନାଥ ଜେନା କବିତା ପାଠ କରିଥିଲେ । ଶେଷରେ ପାତ୍ର ତନ୍ତୀ ସମାଜ ର ସଭାପତି ବାବାଜୀ ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ଉତ୍ସବରେ କବି ହରେକୃଷ୍ଣ ଦ୍ୱିଜ୍, ଲେଖକ, ସଂଗଠକ ଡମ୍ବରୁ ମହାନ୍ତ, ପବିତ୍ର ପାତ୍ର, ଶରତ ଚନ୍ଦ୍ର ପାତ୍ର , ପ୍ରେସ କ୍ଲବ ସଂପାଦକ ସାମ୍ବାଦିକ ଶରତ ଦାସ, ଏକତା ମଂଚ ଉପଦେଷ୍ଟା ଅଲେଖ ଚନ୍ଦ୍ର ପାତ୍ର, ହଳଧର ପାତ୍ର, ଆଇନଜୀବୀ ସନ୍ତୋଷ ଦାସ, ପାଲା ଗାୟକ ରମାକାନ୍ତ ପାତ୍ର, ଭାସ୍କର ପାତ୍ର,ଗୋକୁଳ ପାତ୍ର,ବସନ୍ତ କୁମାର ପାତ୍ର ଇତ୍ୟାଦି ଯୋଗ ଦେଇ ଏହି ଉତ୍ସବକୁ ସଫଳ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ଦାସ,ପଂଚାନନ ସେଠୀ, ପବିତ୍ର ପାତ୍ର, କ୍ଷୀରୋଦ ଚନ୍ଦ୍ର ପାତ୍ର, ଧନୁର୍ଜୟ ନାରାୟଣ ପାତ୍ର, ତପନ କୁମାର ପୂର୍ତୀ, ସୁରେଶ ଚନ୍ଦ୍ର ମହାନ୍ତ, ଦୀପକ ଚନ୍ଦ୍ର ପାତ୍ର, ବୀରଭଦ୍ର ପାତ୍ର, ଭୀଷ୍ମ ମହାନ୍ତ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ ।

# ଶହେରୁ ଉର୍ଦ୍ଧ୍ୱ ମୋବାଇଲ ଫୋନ ଫେରାଇଲା ପୁଲିସ




ଜେକେପୁର/ରାୟଗଡ଼ା,୧୪/୭(ନି/ପ୍ର): ବିଭିନ୍ନ ସମୟରେ ସମୟରେ ଚୋରି ଏବଂ ହଜିଯାଇଥିବା ହୋଇଯାଇଥିବା ମୋବାଇଲକୁ ଜବତ କରି ଆଜି ଫୋନର ମାଲିକଙ୍କୁ ଫେରାଇଛି ରାୟଗଡ଼ା ପୁଲିସ । ଚୋରି ହୋଇଥିବା ମୋବାଇଲ ସଂପର୍କରେ ବିଭିନ୍ନ ଥାନାର ଅଭିଯୋଗକୁ ଭିତି କରି ସାଇବର୍ ସେଲ୍ ର ସହାୟତା ନେଇ ପୁଲିସ ଶହେଟି ନାମିଦାମୀ ଫୋନ୍ କୁ ଜବତ କରିଥିଲା । ଆଜି ରାୟଗଡ଼ା ପୁଲିସ ସ୍ଥାନୀୟ ଚାନ୍ଦିଲି ଥାନା ଅନ୍ତର୍ଗତ ପୁଲିସ ରିଜର୍ଭ ପଡ଼ିଆରେ ଏକ କାର୍ଯ୍ୟକ୍ରମ ଆୟୋଜନ କରି ପ୍ରକୃତ ମାଲିକଙ୍କୁ ଫୋନ ହସ୍ତାନ୍ତର କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ ସୂଚନା ପ୍ରଦାନ କରି କହିଥିଲେ ପ୍ରଥମ ପର୍ଯ୍ୟାୟରେ ରାୟଗଡ଼ା ଜିଲ୍ଲାର ବିଭିନ୍ନ ଥାନାରେ ହୋଇଥିବା ଅଭିଯୋଗକୁ ଭିତି କରି ତଦନ୍ତ କରିଥିଲୁ ଏବଂ ମୋବାଇଲ ଜବତ କରି ଶହେରୁ ଅଧିକ ପ୍ରକୃତ ମାଲିକଙ୍କୁ ଆବଶ୍ୟକୀୟ କାଗଜପତ୍ର ଯାଂଚ କରି ମୋବାଇଲ ଫେରାଇଛୁ । ତଦନ୍ତ ପ୍ରକ୍ରିୟା ଜାରି ରହିଛି । ଆଗାମୀ ଦିନରେ ଆହୁରି ମୋବାଇଲ ଫୋନ ଜବତ କରି ଫେରସ୍ତ କରାଯିବ । ମୋବାଇଲ ଫୋନ ଚୋରି ହେବା ପରେ ଏହାର ବ୍ୟବହାରକୁ ନେଇ ମଧ ଯାଂଚ କରାଯାଉଛି ଓ ଏଥିରେ କୌଣସି ସନ୍ଦିଗ୍ଧ ତଥ୍ୟ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣକରାଯିବା ନେଇ ଏସ ପି ସୂଚନା ଦେଇଛନ୍ତି । ମୋବାଇଲ ଫୋନରେ ରହିଥିବା ବିଭିନ୍ନ ଆପ୍ କୁ ସୁରକ୍ଷତି ଭାବେ ବ୍ୟବହାର କରିବା ପାଇଁ ଏସ ପି ଅପିଲ କରିଥିଲେ । ସଚାଂର ସାଥୀ ଏବଂ ଅନ୍ୟାନ୍ୟ ଆପ୍ଲିକେସନର ସହାୟତା ନେଇ ପୁଲିସକୁ ସହଯୋଗ କରିବାକୁ ଏସ ପି ନିବେଦନ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଏସ ପି ଙ୍କ ସମେତ, ଏସଡିପିଓ ଗୌରହରି ସାହୁ, ଆଇଆଇସି ଉତମ କୁମାର ସାହୁ, ସାଇବର ସେଲର ଅଭିନାଶ ରେଡି ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

# ଦନ୍ତା ଆକ୍ରମଣରେ ବୃଦ୍ଧ ମୃତ



ଯୋଡ଼ା,୧୪/୭(ନି/ପ୍ର): କେନ୍ଦୁଝରଜିଲ୍ଲା ବାମେବାରି ଥାନାର ଯୋଡା ସେକ୍ସନ ଅନ୍ତର୍ଗତ ଗୁରୁବେଡ ଗ୍ରାମରେ ଜଣେ ବୃଦ୍ଧ ଶୋଇଥିବା ବେଳେ ଦନ୍ତା ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି । ବୃଦ୍ଧ ଜଣକ ହେଲେ ସେହି ଗ୍ରାମର ଯାତ୍ରା ମୁଣ୍ଡା(୮୧) । ବନ ବିଭାଗର ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଘର ବାହାରେ ଯାତ୍ରା ମୁଣ୍ଡା ପାଲ ଟାଣି ଶୋଇଥିବା ବେଳେ ଦନ୍ତା ହାତୀଟି ଆସି ତାଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା । ଉକ୍ତ ଦନ୍ତା ହାତୀଟି ବାଲି ବନ୍ଧ ସେକ୍ସନ ବୈତରଣୀ ନଦୀ ପାରି କରି ଗୁରୁବେଡ ଅଞ୍ଚଳରେ ବୃଦ୍ଧଙ୍କୁ ଆକ୍ରମଣ କରିବା ପରେ ରାତିରେ ହିଁ ଫେରି ଯାଇଥିବା ବନପାଳ ଜେନା ସୂଚନା ଦେଇଛନ୍ତି । ପୁଲିସ ଶବ ଜବତ କରି ବ୍ୟବଛେଦ ନିମନ୍ତେ ପଠାଇଥିବା ସୂଚନା ମିଳିଛି । ଏ ନେଇ ବାମେବାରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ବାମେବାରି ପୁଲିସ ସୂଚନା ଦେଇଛି ।

# ମରଣ ଯନ୍ତା ପାଲଟିଲାଣି ବନ୍ଧାଲୋ-ମଞ୍ଜୁରୀରୋଡ ରାସ୍ତା

ଭଦ୍ରକ,୧୪/୭(ନି/ପ୍ର): ପୂର୍ତ ବିଭାଗ ଅଧୀନରେ ଥିବା ମଞ୍ଜୁରୀରୋଡ଼-ବନ୍ଧାଳ ରାସ୍ତା ଏବେ ମରଣ ଯନ୍ତା ପାଲଟିଛି । ରାସ୍ତାର ଅଧିକାଂଶ ସ୍ଥାନ ଭାଙ୍ଗି ରୁଜି ଗଲାଣି । କେଉଁଠି କଂକ୍ରିଟ ଭାଙ୍ଗି ଖାଲ ହୋଇ ଗଲାଣି । କଂକ୍ରିଟ ରାସ୍ତା ଭାଙ୍ଗି ରଡ଼ ଦେଖା ଯାଉଛି ଓ ବାଇକ ଚକ ରଡ଼ରେ ପଶି ଦୁର୍ଘଟଣା ଘଟୁଛି । ଗତ ଦୁଇ ବର୍ଷ ପୂର୍ବରୁ ମରାମତି ହୋଇ ପ୍ରାୟ ଏକ କିଲୋମିଟର ଅଂଶ ଫେବର ଟାଇଲ ପଡ଼ିଥିଲା । ଏହା ଭିତରେ କେଉଁଠି ଫେବର ଉଠିଗଲାଣି ତ କେଉଁଠି ଦବି ଗଲାଣି । ପୂର୍ତ ବିଭାଗର ଏହି ରାସ୍ତାଟି ସ୍ଥାନୀୟ ଅଂଚଳର ଜୀବନ ରେଖା ଓ ଯାଜପୁର ଜିଲ୍ଲାର ଅଧିବାସୀଙ୍କ ପାଇଁ ମଞ୍ଜୁରୀରୋଡକୁ ସଂଯୋଗ କରୁଥିବାରୁ ପ୍ରତିଦିନ ଶହ ଶହ ଯାତ୍ରୀ,ସକାଳୁ ସଞ୍ଜ ନିତିଦିନିଆ ସଉଦା ପରିବା ଅନ୍ୟାନ୍ୟ ନିତ୍ୟ ବ୍ୟବାହାର୍ଯ୍ୟ ଜିନିଷ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାଆନ୍ତି । ଅଂଚଳର ଏକମାତ୍ର ନାଆମୀ କଲେଜକୁ ଯିବାପାଇଁ ଛାତ୍ର ଛାତ୍ରୀ ଏହି ରାସ୍ତା ଦେଇ ସାଇକେଲ କିମ୍ବା ବାଇକରେ ଯିବା ଆସିବା କରନ୍ତି । ରାସ୍ତାଟି ଖାଲ ଖମାରେ ଭରି ଯାଇଥିବାରୁ ଏକ କାଳୀନ ଗୋଟିଏ ପାର୍ଶ୍ୱରେ ଯାତ୍ରୀ ଯିବା ଆସିବା କରୁଥିବାରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି । ମଞ୍ଜୁରୀରୋ ରେ ଥିବା ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାଳୟକୁ ଯିବାକୁ ଛାତ୍ର ଛାତ୍ରୀ ବି ଏହି ରାସ୍ତାର ନିୟମିତ ଗଲାବେଳେ ଅଧା ସମୟ ସାଇକେଲ ଗଡେଇ ଗଡେଇ ନେବାକୁ ପଡୁଛି । ବାଇକ ଆରୋହୀଙ୍କ ପାଇଁ ମରଣ ଯନ୍ତା ପାଲଟିଥିବା ଏହି ରାସ୍ତାରେ ବଡ ଗାଡି ହାଲୁକା ଚାରି ଚକିଆ ଯାନ ଯିବାକୁ ଡରୁଛନ୍ତି । ପାଂଚ ସାତ ବର୍ଷ ତଳେ ନିର୍ମାଣ ମରାମତି ହୋଇଥିବା ଏହି ରାସ୍ତାଟିର ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବାରୁ ଅସନ୍ତୋଷ ଦେଖାଦେଇଛି । ରାସ୍ତାର ଦୁରାବସ୍ଥା ସମ୍ପର୍କରେ ଖବରକାଗଜରେ ବାହାରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

# ଜନ୍ମଦିନରେ ମାନବସେବାର ନିଆରା ବାର୍ତା, ଭିନ୍ନକ୍ଷମ ଆଶ୍ରମରେ ଶୁଖିଲା ଖାଦ୍ୟ ବଂଟନ ଓ ବୃକ୍ଷରୋପଣ

ଭଦ୍ରକ, ୧୪/୭(ନି/ପ୍ର): ଜନ୍ମଦିନକୁ କେବଳ କେକ୍ କାଟି କିମ୍ବା ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ ନକରି ସମାଜସେବା ମାଧ୍ୟମରେ ସ୍ମରଣୀୟ କରିବାର ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି ଭଦ୍ରକ ବ୍ଲକ କଲେଇ ପଂଚାୟତ ବଳାଜିତପଡ଼ାର ଯୁବ ସମାଜସେବୀ କର୍ମବୀର ଲେଙ୍କା (ପାଯୁନୁ) । ତାଙ୍କ ଜନ୍ମଦିନ ଅବସରରେ ଲାଙ୍ଗୁଡ଼ିସ୍ଥିତ ଭିନ୍ନକ୍ଷମ ଆଶ୍ରମରେ ଏକ ସେବାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଅବସରରେ ବହୁ ସମାଜସେବୀ, ଯୁବକ ଏବଂ ଶୁଭେଚ୍ଛୁମାନେ ଉପସ୍ଥିତ ରହି ଆଶ୍ରମର ଅନ୍ତେବାସୀଙ୍କୁ ବିସ୍କୁଟ, ଚକୋଲେଟ, ଜୁସ୍ ସମେତ ବିଭିନ୍ନ ପ୍ରକାରର ଶୁଖିଲା ଖାଦ୍ୟ ସାମଗ୍ରୀ ବଂଟନ କରିଥିଲେ । ଶିଶୁମାନଙ୍କ ସହ ସମୟ ବିତାଇ ସେମାନଙ୍କ ସୁଖଦୁଃଖ ବୁଝିବା ସହ ଆଗାମୀ ଦିନରେ ମଧ ସହଯୋଗର ହାତ ବଢ଼ାଇବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହା ସହିତ ପରିବେଶ ସୁରକ୍ଷାର ବାର୍ତା ଦେବା ଉଦ୍ଦେଶ୍ୟରେ ଆଶ୍ରମ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ସମସ୍ତେ ମିଳି ବୃକ୍ଷରୋପଣ କରି ଏହାର ଯତ୍ନ ନେବା ସହ ସବୁଜ ପରିବେଶ ଗଠନ ପାଇଁ ସଙ୍କଳ୍ପ ନେଇଥିଲେ । କର୍ମବୀର ଲେଙ୍କା କହିଥିଲେ ଯେ, 'ଜନ୍ମଦିନର ପ୍ରକୃତ ଆନନ୍ଦ ସେତେବେଳେ ମିଳେ, ଯେତେବେଳେ ଅସହାୟ ଓ ଭିନ୍ନକ୍ଷମ ଭାଇଭଉଣୀଙ୍କ ମୁହଁରେ ହସ ଫୁଟିଥାଏ । ସମାଜର ପ୍ରତ୍ୟେକ ବ୍ୟକ୍ତି ଯଦି ନିଜର ଖୁସିର ଦିନରେ ଅଳ୍ପ କିଛି ସେବା କାର୍ଯ୍ୟ କରନ୍ତି, ତେବେ ସମାଜ ଆହୁରି ସୁନ୍ଦର ଓ ମାନବିକ ହୋଇପାରିବ ।' ଉପସ୍ଥିତ ସମାଜସେବୀମାନେ ଏହି ଅଭିନବ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ । ସେମାନେ କହିଥିଲେ ଯେ, ଜନ୍ମଦିନକୁ ସେବା, ସହଯୋଗ ଓ ପରିବେଶ ସୁରକ୍ଷା ସହ ଯୋଡ଼ିବା ଏକ ପ୍ରେରଣାଦାୟକ ପ୍ରୟାସ । ଏଭଳି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କୁ ସମାଜ ପ୍ରତି ନିଜର ଦାୟିତ୍ୱ ବିଷୟରେ ସଚେତନ କରିବା ସହ ମାନବିକ ମୂଲ୍ୟବୋଧକୁ ସୁଦୃଢ଼ କରିବ ବୋଲି ମତ ପ୍ରକାଶ ପାଇଥିଲା । ସମଗ୍ର କାର୍ଯ୍ୟକ୍ରମଟି ଆନ୍ତରିକତା, ସେବାଭାବ ଓ ସାମାଜିକ ଦାୟିତ୍ୱବୋଧର ପରିଚୟ ଦେଇଥିବା ବେଳେ, ଏହା ଉପସ୍ଥିତ ସମସ୍ତଙ୍କ ମନରେ ଏକ ସକାରାତ୍ମକ ବାର୍ତା ଛାଡ଼ିଯାଇଥିଲା ।

ଉତ୍କଳ ସମାଚାର

# ସମ୍ପାଦକୀୟ...

**ବୁଧବାର ୧୫ ଜୁଲାଇ ୨୦୨୬**

## ଏ ଆର ଖାନଙ୍କର ଚିନ୍ତନ



ଏକବିଂଶ ଶତାବ୍ଦୀର ଆଧୁନିକ ମାନବ ସମାଜରେ ଆତ୍ମକେନ୍ଦ୍ରିକତା ଓ ସ୍ୱାର୍ଥପରତା ଏକ ଗମ୍ଭୀର ମାନସିକ ତଥା ସାମାଜିକ ବ୍ୟାଧି ଭାବେ ଦେଖାଦେଇଛି। 'ସର୍ବେ ଭବନ୍ତୁ ସୁଖିନଃ' ବିଚାରଧାରାରେ ବିଶ୍ୱାସ କରୁଥିବା ଆମ ସମାଜ ଆଜି କେବଳ 'ମୁଁ ଏବଂ ମୋର ବିକାଶ' ମଧ୍ୟରେ ସୀମିତ ହୋଇଯାଉଛି। ସାମୂହିକ ସ୍ୱାର୍ଥକୁ ବଳିଦାନ ଦେଇ ବ୍ୟକ୍ତିଗତ ସୁଖ ହାସଲ କରିବାର ଏହି ପ୍ରବୃତ୍ତି ଆମ ସାମାଜିକ ଗଠନକୁ ଦୁର୍ବଳ କରୁଛି।ଏହି ଜଟିଳ ସମସ୍ୟାର ଗଭୀର କାରଣ ଏବଂ ଏହାର ବ୍ୟାପକ ସମାଧାନର ମାର୍ଗ ବିସ୍ତାରପୂର୍ବକ ଦେବାକୁ ଚେଷ୍ଟା କରୁଛି ,ଅନ୍ଧ ଅର୍ଥନୈତିକ ପ୍ରତିଯୋଗିତା ଓ ଭୌତିକବାଦ: ଆଜିର ପୁଞ୍ଜିବାଦୀ ସମାଜରେ ମଣିଷର ସଫଳତା ତାର ଜ୍ଞାନ କିମ୍ବା ଚରିତ୍ର ଦ୍ୱାରା ନୁହେଁ, ବରଂ ତାର ବ୍ୟାଙ୍କ ବାଲାନ୍ସ, ଗାଡ଼ି ଓ ଆଲିସାନ ବଙ୍ଗଳା ଦ୍ୱାରା ମପାଯାଉଛି। ଏହି ଅନ୍ଧ ଦୌଡ଼ରେ ସମସ୍ତେ ଆଗକୁ ଯିବାକୁ ଚାହାନ୍ତି। ଯେତେବେଳେ ଜୀବନ କେବଳ ଏକ 'ପ୍ରତିଯୋଗିତା' ପାଲଟିଯାଏ, ସେଠାରେ ଅନ୍ୟମାନଙ୍କୁ ସାହାଯ୍ୟ କରିବା ବା ସମାଜ କଥା ଚିନ୍ତା କରିବା ପାଇଁ ମଣିଷ ପାଖରେ ସମୟ କିମ୍ବା ସହାନୁଭୂତି ରହେନାହିଁ।ପାରିବାରିକ ସଂସ୍କୃତିର ପତନ: ପୂର୍ବରୁ ଯୌଥ ପରିବାରରେ ଜେଜେବାପା, ଜେଜେମା, ଦାଦା,ଖୁଡ଼ି ସମସ୍ତେ ଏକାଠି ରହୁଥିଲେ। ସେଠାରେ ପିଲାମାନେ ତ୍ୟାଗ, ସହନଶୀଳତା ଏବଂ ସମସ୍ତଙ୍କ ସହ ବାଣ୍ଟିକୁଣ୍ଟି ଚଳିବାର ପ୍ରାଥମିକ ଶିକ୍ଷା ପାଉଥିଲେ। ମାତ୍ର ଆଜିର ଛୋଟ ଏକକ ପିଲାମାନେ କେବଳ ନିଜ ଜିଦ୍ ପୂରଣ କରିବା ଶିଖୁଛନ୍ତି। ଫଳରେ ସେମାନଙ୍କ ମଧ୍ୟରେ ସାମାଜିକ କର୍ତ୍ତବ୍ୟବୋଧ ଜନ୍ମ ନେଇପାରୁନାହିଁ।ଆଭାସୀ ଦୁନିଆର ମାୟାଜାଲ ଟେକ୍ନୋଲୋଜି ଆମକୁ ସାରା ବିଶ୍ୱ ସହ ଯୋଡ଼ି ଦେଇଛି ସତ, କିନ୍ତୁ ଆମ ପାଖରେ ଥିବା ମଣିଷଠାରୁ ଦୂରେଇ ଦେଇଛି। ଲୋକମାନେ ଫେସବୁକ୍, ଇନଷ୍ଟାଗ୍ରାମରେ ନିଜର ଆଭାସୀ ଲାଇକ୍?ସ ଏବଂ କମେଣ୍ଟ ଗଣିବାରେ ଏତେ ବ୍ୟସ୍ତ ଯେ, ବାସ୍ତବ ଜୀବନର ସୁଖ-ଦୁଃଖ ପ୍ରତି ସେମାନେ ସମ୍ବେଦନହୀନ ହୋଇପଡୁଛନ୍ତି। ପଡ଼ୋଶୀ ଘରେ କ'ଣ ଚାଲିଛି, ତାହା ଜାଣିବାକୁ କାହା ପାଖରେ ଆଗ୍ରହ ନାହିଁ।ସୁରକ୍ଷାହୀନତାର ଭୟ: ଆଜିର ଅନିଶ୍ଚିତ ଜୀବନଶୈଳୀ, ସ୍ୱାସ୍ଥ୍ୟଗତ ସମସ୍ୟା, ଚାକିରି ହରାଇବାର ଭୟ ମଣିଷ ମନରେ ଏକ ପ୍ରକାର ମାନସିକ ସୁରକ୍ଷାହୀନତା ସୃଷ୍ଟି କରିଛି। ଏହି ଭୟ ଯୋଗୁଁ ସେ ପ୍ରଥମେ ନିଜର ଭବିଷ୍ୟତ ସୁରକ୍ଷିତ କରିବା ପାଇଁ ସର୍ବଦା ଚେଷ୍ଟିତ ରହୁଛି ଏବଂ ସମାଜ କିମ୍ବା ଦେଶର ଉନ୍ନତି ତା' ପାଇଁ ଗୌଣ ପାଲଟିଯାଉଛି।ଏହି ସାମାଜିକ ସଂକଟରୁ ବାହାରିବା ପାଇଁ ଆମକୁ ବ୍ୟକ୍ତିଗତ ଏବଂ ପ୍ରଣାଳୀଗତ ସ୍ତରରେ ବଡ଼ ପରିବର୍ତ୍ତନ ଆଣିବାକୁ ହେବ:ଶିକ୍ଷା ବ୍ୟବସ୍ଥାରେ 'ମାନବିକତା'ର ସଂଯୋଗ: ଶିକ୍ଷା କେବଳ ଡିଗ୍ରୀ ହାସଲ କରିବା ଏବଂ ଚାକିରି ପାଇବାର ମାଧ୍ୟମ ହେବା ଉଚିତ ନୁହେଁ। ପାଠ୍ୟକ୍ରମରେ ନୈତିକ ଶିକ୍ଷା, ମହାପୁରୁଷଙ୍କ ଜୀବନୀ ଏବଂ ସାମାଜିକ ସେବାକୁ ବାଧ୍ୟତାମୂଳକ କରାଯିବା ଦରକାର। ପିଲାମାନଙ୍କୁ ପରିବେଶ ସୁରକ୍ଷା, ପଶୁପକ୍ଷୀଙ୍କ ପ୍ରତି ଦୟା ଓ ଗରିବଙ୍କୁ ସାହାଯ୍ୟ କରିବାର ପ୍ରାୟୋଗିକ ଶିକ୍ଷା ଦିଆଯିବା ଉଚିତ।'ମୁଁ' ରୁ 'ଆମେ' ର ଭାବନା ଜାଗ୍ରତ କରିବା: ପ୍ରତ୍ୟେକ ବ୍ୟକ୍ତି ନିଜ ଦୈନନ୍ଦିନ ଜୀବନରେ ଏହି ପରିବର୍ତ୍ତନ ଆଣିବା ଜରୁରୀ। ନିଜର ସ୍ୱାର୍ଥ ଚିନ୍ତା କରିବା ସହ 'ମୋର ଏହି କାର୍ଯ୍ୟ ଦ୍ୱାରା ଅନ୍ୟ କାହାର କ୍ଷତି ହେଉନାହିଁ ତ?' କିମ୍ବା 'ମୁଁ ସମାଜ ପାଇଁ କ'ଣ କରିପାରିବି?' ଏହି ପ୍ରଶ୍ନ ନିଜକୁ ପଚାରିବା ଆବଶ୍ୟକ। ସମାଜର ମଙ୍ଗଳରେ ହିଁ ନିଜର ମଙ୍ଗଳ ନିହିତ, ଏହି ଚେତନା ଜାଗ୍ରତ ହେବା ଆବଶ୍ୟକ।ସାମାଜିକ ସଂଗଠନ ଓ ଗୋଷ୍ଠୀଗତ କାର୍ଯ୍ୟକ୍ରମ: ଗ୍ରାମ ଓ ସହର ସ୍ତରରେ ଯୁବକ ସଂଘ, ସାଂସ୍କୃତିକ କମିଟି ଏବଂ ସେବା ସଂଗଠନଗୁଡ଼ିକୁ ଅଧିକ ସକ୍ରିୟ କରିବାକୁ ହେବ। ସାମୂହିକ ସଫେଇ ଅଭିଯାନ, ବୃକ୍ଷରୋପଣ, ରକ୍ତଦାନ ଶିବିର ଏବଂ ସ୍ଥାନୀୟ ପର୍ବପର୍ବାଣୀ ସମସ୍ତଙ୍କୁ ଏକାଠି ମିଳିମିଶି ପାଳନ କରିବାକୁ ପ୍ରୋତ୍ସାହିତ କରାଯିବା ଉଚିତ। ଏହା ଦ୍ୱାରା ପରସ୍ପର ମଧ୍ୟରେ ଆତ୍ମୀୟତା ବୃଦ୍ଧି ପାଇବ।ସନ୍ତୋଷ ଏବଂ ଆଧ୍ୟାତ୍ମିକତାର ମାର୍ଗ: ଅତ୍ୟଧିକ ଲୋଭ ହିଁ ସ୍ୱାର୍ଥପରତାର ମୂଳ କାରଣ। ଜୀବନରେ 'ସନ୍ତୋଷ' ର ମୂଲ୍ୟ ବୁଝିବାକୁ ହେବ। ଆଧ୍ୟାତ୍ମିକତା କିମ୍ବା ସତ୍‌ସଙ୍ଗ ମାଧ୍ୟମରେ ମନକୁ ଶାନ୍ତ ରଖିବା ଏବଂ ଜୀବନର ପ୍ରକୃତ ଉଦ୍ଦେଶ୍ୟ ଯେ କେବଳ ଭୋଗ ନୁହେଁ, ବରଂ ତ୍ୟାଗ ଓ ସେବା, ତାହା ହୃଦୟଙ୍ଗମ କରିବାକୁ ହେବ। : ମଣିଷ ଏକ ସାମାଜିକ ପ୍ରାଣୀ। ସମାଜରୁ ପୃଥକ ହୋଇ ସେ କେବେହେଲେ ବ୍ୟକ୍ତିଗତ ଭାବେ ସମ୍ପୂର୍ଣ୍ଣ ସୁରକ୍ଷିତ ବା ସୁଖୀ ହୋଇପାରିବ ନାହିଁ। ଯେପରି ଗୋଟିଏ ଶରୀରର ଗୋଟିଏ ଅଙ୍ଗ ଅସୁସ୍ଥ ହେଲେ ସାରା ଶରୀର କଷ୍ଟ ପାଏ, ସେହିପରି ସମାଜର କୌଣସି ବର୍ଗ ପଛରେ ରହିଗଲେ ଦେଶର ପ୍ରଗତି ଅସମ୍ଭବ। ତେଣୁ, ଆଜିର ସମୟରେ ସ୍ୱାର୍ଥପରତାର ପ୍ରାଚୀର ଭାଙ୍ଗି ସାମୂହିକ ବିକାଶର ମାର୍ଗ ଆପଣାଇବା ହିଁ ମାନବ ଜାତିର କଲ୍ୟାଣର ଏକମାତ୍ର ଉପାୟ। ପଡ଼ୋଶୀ ଘରେ କ'ଣ ଚାଲିଛି, ତାହା ଜାଣିବାକୁ କାହା ପାଖରେ ଆଗ୍ରହ ନାହିଁ।ସୁରକ୍ଷାହୀନତାର ଭୟ: ଆଜିର ଅନିଶ୍ଚିତ ଜୀବନଶୈଳୀ, ସ୍ୱାସ୍ଥ୍ୟଗତ ସମସ୍ୟା, ଚାକିରି ହରାଇବାର ଭୟ ମଣିଷ ମନରେ ଏକ ପ୍ରକାର ମାନସିକ ସୁରକ୍ଷାହୀନତା ସୃଷ୍ଟି କରିଛି। ଏହି ଭୟ ଯୋଗୁଁ ସେ ପ୍ରଥମେ ନିଜର ଭବିଷ୍ୟତ ସୁରକ୍ଷିତ କରିବା ପାଇଁ ସର୍ବଦା ଚେଷ୍ଟିତ ରହୁଛି ଏବଂ ସମାଜ କିମ୍ବା ଦେଶର ଉନ୍ନତି ତା' ପାଇଁ ଗୌଣ ପାଲଟିଯାଉଛି।ଏହି ସାମାଜିକ ସଂକଟରୁ ବାହାରିବା ପାଇଁ ଆମକୁ ବ୍ୟକ୍ତିଗତ ଏବଂ ପ୍ରଣାଳୀଗତ ସ୍ତରରେ ବଡ଼ ପରିବର୍ତ୍ତନ ଆଣିବାକୁ ହେବ:

(ଏ ଆର ଖାନ,କେନ୍ଦୁଝର)

# ନେତାଙ୍କ ଯୋଗାସନ

ଜୁନ୍ ମାସ ବାଇଶ ତାରିଖ ଦିନ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ କ୍ଲିନିକ ସାମ୍ନାରେ ନେତାମାନଙ୍କର ହଠାତ୍ ଭିଡ଼ ଦେଖିବାକୁ ମିଳିଥିଲା। କାରଣ କ'ଣ ବୁଝୁ ବୁଝୁ ଜଣା ପଡ଼ିଲା ଯେ ଗତ ଦିନ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଏମାନେ ସବୁ ହାତ ଗୋଡ଼ ମୋଡ଼ି ବିଭିନ୍ନ ଯୋଗମୁଦ୍ରାର ଚିତ୍ର ଗଣମାଧ୍ୟମରେ ପ୍ରକାଶ କରିବାକୁ ଚାହିଁଥିଲେ। ଶୁଣାଯାଇଥିଲା ଯେ ଜଣେ ନେତା ମର୍କଟାସନ କରୁ କରୁ ଏମିତି ଛନ୍ଦି ହୋଇ ଫସିଗଲେ ଯେ ତାଙ୍କୁ ସେଥିରୁ ମୁକୁଳେଇବା ପାଇଁ ଜଣେ ଡାକ୍ତର ଓ ଗୋଟେ ଆମ୍ବୁଲାନ୍ସ ଡାକିବାକୁ ପଡ଼ିଥିଲା। କାଳେ ନାହିଁ ବେଳେ ନାହିଁ ହଠାତ୍ ଯଦି ଆପଣ ପଦ୍ମାସନରେ ବସିପଡ଼ି ଦୁଇ ହାତକୁ ପିଠି ପଟେ ବୁଲେଇ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହିଁବେ ତେବେ ଏଭଳି ଦଶା ଭୋଗିବା ସ୍ୱାଭାବିକ। ସୁନ୍ଦର ସ୍ୱାସ୍ଥ୍ୟ ଗୋଟିଏ ଦିନରେ ଗଢ଼ି ହୁଏ ନାହିଁ କି ଗୋଟିଏ ଦିନରେ ନିରୋଗ ବାର୍ଦ୍ଧକ୍ୟ ହାସଲ କରିହୁଏ ନାହିଁ। ସ୍ୱାସ୍ଥ୍ୟ ପ୍ରତ୍ୟହ ପ୍ରତ୍ୟକ୍ଷ ହୋଇଥାଏ। ଏହା ଦିନକର ପ୍ରତୀକାତ୍ମକତା ନୁହେଁ, ତେଣୁ ଯାହା ହେବା କଥା ହେଲା। ଏହି ଗୋଟିଏ ଦିନ ସମଗ୍ର ଭାରତବର୍ଷର ବିଭିନ୍ନ ପାର୍କ ଓ ମଣ୍ଡପମାନଙ୍କରେ ବଡ଼ ବଡ଼ ବ୍ୟାନର ଟାଙ୍ଗି ଯେଉଁ ଉତମ ସ୍ୱାସ୍ଥ୍ୟ ହାସଲ କରିବାକୁ ଚେଷ୍ଟା କରାଯାଇଥିଲା ତାହା ତା'ର ବାସିଦିନକୁ ଫସର ଫାଟି ଯାଇଥିଲା। ସେହିଦିନ ପାର୍କମାନଙ୍କରେ ସୁନ୍ଦର ସୁନ୍ଦର ବିଜ୍ଞାପନ ଓ ଶରୀରମାନଙ୍କରେ ରଙ୍ଗିନ ଟି ସାର୍ଟ ସବୁ ଶୋଭା ପାଉଥିଲା ଆଉ ଲାଗୁଥିଲା ସତେ ଯେମିତି ସମଗ୍ର ଭାରତବର୍ଷ ଯୋଗରେ ଏକପ୍ରାଣ ହୋଇଗଲା। କିନ୍ତୁ କଥାରେ ଅଛି- ରାତି ଗଲା ତ କଥା ସରିଲା। ଏ ଦିନ ବିଭିନ୍ନ ଯୋଗାସନର ମୁଦ୍ରା କରି ଅଧିକାଂଶ ଲୋକ ଏତେ ହାଲିଆ ହୋଇପଡ଼ିଲେ ଯେ ତା' ପରଦିନ ସେମାନଙ୍କୁ ଦଶଟା ବେଳକୁ ଉଠିବାକୁ ପଡ଼ିଲା ଆଉ ସ୍ୱାସ୍ଥ୍ୟ ଯଥା ପୂର୍ବମ୍ ତଥା ପରମ୍ ହୋଇ ରହିଗଲା। ଯୋଗ କେବଳ ଚଟେଇ ପକେଇ ହାତଗୋଡ଼ ଟେକାଟେକି କିମ୍ବା ନିଶ୍ୱାସ ପ୍ରଶ୍ୱାସର ସୁଁ ସାଁ ଶବ୍ଦ ନୁହେଁ। ଯୋଗ ହେଉଛି ଶରୀର, ମନ ଓ ପ୍ରାଣର ମିଳନ, ଯାହା ଆପଣଙ୍କ ନିଶ୍ୱାସ ପ୍ରଶ୍ୱାସ ଆଧାରରେ ମନକୁ ନିୟନ୍ତ୍ରଣ କରି ଶରୀରକୁ ସୁସ୍ଥ ରଖିଥାଏ। ଶରୀର, ମନ ଓ ପ୍ରାଣ ଏକ ଇକୋସିଷ୍ଟମ ବା ପରିସଂସ୍ଥା ସଦୃଶ କାମ କରିଥାଏ। ଗୋଟିଏ ଅନ୍ୟର ପରିପୂରକ ହୋଇ ରହିଥାଏ। ଏଥିରେ ଗୋଟିକର ବିଚ୍ୟୁତି ଘଟିଲେ ସଂପୂର୍ଣ୍ଣ ବ୍ୟବସ୍ଥା ବିଫଳ ହୋଇଯାଏ ଏବଂ ଶରୀର ରୋଗାକ୍ରାନ୍ତ ହୋଇଯାଇଥାଏ। ଅତଏବ ଯୋଗ ହେଉଛି ଏକ ସାମଗ୍ରିକ ସ୍ୱାସ୍ଥ୍ୟ ବିଜ୍ଞାନ। ଏହା ଦିନକରେ ହାସଲ କରିହୁଏ ନାହିଁ। ଏଥିପାଇଁ ଲଗାତାର ଆପଣଙ୍କୁ ଏକ ଶୃଙ୍ଖଳିତ ଜୀବନ ଜିଇଁବାକୁ ପଡ଼ିଥାଏ ଆଉ ଖାଦ୍ୟ ଶୈଳୀଠାରୁ ନେଇ ଜୀବନଶୈଳୀରେ ଘୋର ପରିବର୍ତ୍ତନ କରିବାକୁ ପଡ଼ିଥାଏ। ଦିନଯାକ ଶରୀର ଉପରେ ଅତ୍ୟାଚାର କରି ଓ ପେଟ ଭିତରେ ନାନାଦି ଅଳିଆ ଆବର୍ଜନା ଭର୍ତି କରି ସକାଳୁ ହଜାର ହଜାର ଥର କପାଳଭାତି କଲେ ଏହାର ସାମାନ୍ୟତମ ପ୍ରଭାବ ମଧ୍ୟ ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ି ନଥାଏ। ମନେ ରଖନ୍ତୁ, ଯୋଗ ମୁଖ୍ୟତଃ ରୋଗ ନିରାକରଣ କରିଥାଏ। ଏହା ରୋଗର ଚିକିତ୍ସା କିମ୍ବା ଉପଚାର କରି ନଥାଏ। ଏହା ଏକ ପ୍ରାଚୀନ ବିଜ୍ଞାନ ଯାହାର ଆଧୁନିକ ଚିକିତ୍ସା ବିଜ୍ଞାନ ସହିତ କୌଣସି ଶତ୍ରୁତା ନାହିଁ। ଅନେକ ଯୋଗଗୁରୁ ଅକାରଣରେ ଆଧୁନିକ ଚିକିତ୍ସା ବିଜ୍ଞାନକୁ ଗାଳିଗୁଲଜ କରିଥାନ୍ତି କିନ୍ତୁ ସଙ୍କଟ ସମୟରେ ସୁସ୍ଥ ହେବା ପାଇଁ ସେହିମାନଙ୍କର ହିଁ ସହାୟତା ନେଇଥାନ୍ତି ଏବଂ ଆଧୁନିକ ହସପିଟାଲମାନଙ୍କର ଆଇସିୟୁରେ ରହି ଚିକିତ୍ସିତ ହୋଇଥାନ୍ତି। ଯୋଗ ଆପଣଙ୍କ ଶରୀରକୁ ଘସିମାଜି ତୀକ୍ଷ୍ଣ ରଖିଥାଏ ଓ ରୋଗ ବଇରାଗଠାରୁ ଦୂରେଇ ରହିବାକୁ ସାହାଯ୍ୟ କରିଥାଏ। କିନ୍ତୁ ଏଥିପାଇଁ ପ୍ରତ୍ୟହ ଆପଣଙ୍କୁ ଏହାର ଅଭ୍ୟାସ କରିବାକୁ ପଡ଼ିଥାଏ। ଏହା ଉପରେ ଉଦାହରଣଟିଏ ଦେଉଛି। ଥରେ ଜଣେ ବାଳକ ଗୋଟିଏ କରତ କଳରେ କାମ କରିବାକୁ ଗଲା। ମାଲିକ ତାକୁ ଗୋଟିଏ କୁରାଢ଼ି ଦେଇ ସବୁ ଦିନ ଜଙ୍ଗଲରୁ ଗଛ କାଟି ଆଣିବାକୁ କହିଲେ। ବାଳକଟି ପ୍ରଥମ ଦିନ ପ୍ରାୟ ଦଶ ବାରଟି ଗଛ କାଟି ଆଣିଲା। ମାଲିକ ବହୁତ ଖୁସି ହୋଇଗଲେ। ଦ୍ୱିତୀୟ ଦିନ ଆଠ ଦଶଟି ଆଣିପାରିଲା। ତୃତୀୟ ଦିନ ସାତ ଆଠ ଆଉ ଏହିପରି ଦିନକୁ ଦିନ ଗଛ ସଂଖ୍ୟା କମି କମି ଯାଉଥିଲା। ମାଲିକ ବ୍ୟସ୍ତ ହୋଇପଡ଼ି ଏହାର କାରଣ କ'ଣ ପଚାରିଲେ। ପିଲାଟି କିନ୍ତୁ ଅକ୍ଲାନ୍ତ ପରିଶ୍ରମ କରୁଥିଲା ଏବଂ ଗଛର ସଂଖ୍ୟା କାହିଁକି କମୁଥିଲା ଜାଣିପାରୁ ନଥିଲା। ମାଲିକ ଦିନେ ପିଲାଟିକୁ ତାହାର କୁରାଢ଼ିଟିକୁ ଦେଖେଇବାକୁ କହିଲେ ଆଉ ଜାଣିପାରିଲେ ଯେ ପିଲାଟି ଲଗାତାର କୁରାଢ଼ିରେ ଗଛ କାଟି ଚାଲିଛି ଅଥଚ ଦିନେ ବି ସେଥିରେ ଦାଢ଼ ଦେଇନାହିଁ। ବନ୍ଧୁଗଣ, ଯୋଗ ହେଉଛି ଶରୀରର ଏହି ଦାଢ଼ ଯାହାକୁ ପ୍ରତ୍ୟହ ନ ଦେଲେ ଆପଣଙ୍କ ଶରୀର ବାର୍ଦ୍ଧକ୍ୟରେ ମାଡ଼ି ଆସୁଥିବା ରୋଗ ବଇରାଗକୁ କାଟିପାରିବ ନାହିଁ।

# ହେ ରାମ !

ପ୍ରତ୍ୟେକ ଧର୍ମର ଭିତି ହେଉଛି ଆସ୍ଥା ବା ବିଶ୍ୱାସ। ଆଉ ଅଯୋଧ୍ୟାରେ ବର୍ତମାନ ଦଣ୍ଡାୟମାନ ରାମ ମନ୍ଦିର କିପରି ଦୀର୍ଘ କାଳ ଧରି ସୃଷ୍ଟି ହୋଇଥିବା ଏକ ବିଶ୍ୱାସର ବନ୍ୟା ଓ ଆସ୍ଥାର ସଂଗ୍ରାମ ଉପରେ ପ୍ରତିଷ୍ଠିତ ହୋଇଛି, ତାହା ବିଷୟରେ ଅଧିକ କିଛି କହିବା ଅନାବଶ୍ୟକ। ସେଇ ବିଶ୍ୱାସ ଦ୍ୱାରା ଆକର୍ଷିତ ହୋଇ ବହୁ କଷ୍ଟ ସ୍ୱୀକାର କରି ଦେଶର କୋଣ ଅନୁକୋଣରୁ ଅଯୋଧ୍ୟାକୁ ଆସୁଥିବା ଅଗଣିତ ଭକ୍ତମାନଙ୍କୁ ଏହା କିଭଳି ମାନସିକ ଆଘାତ ଦେଉଥିବ, ତାହା ଯେ କେହି ସହଜରେ ଅନୁମାନ କରିପାରିବ। ଦେଶର ଅଗଣିତ ରାମଭକ୍ତ ବର୍ତ୍ତମାନ ଅସହନୀୟ ହୃଦୟ ଜ୍ୱାଳା ଭୋଗ କରୁଛନ୍ତି। ସେମାନେ ବିଶ୍ୱାସ କରିପାରୁ ନାହାନ୍ତି ଯେ ପ୍ରଭୁ ଶ୍ରୀରାମଙ୍କ ପାଇଁ ତାଙ୍କର ଜନ୍ମସ୍ଥଳୀ ଅଯୋଧ୍ୟାରେ ଏକ ଭବ୍ୟ ମନ୍ଦିର ନିର୍ମାଣ ନିମିତ୍ତ ସେମାନେ ମୁକ୍ତ ହସ୍ତରେ ଦାନ କରିଥିବା ଅର୍ଥର ଏକ ବିଶେଷ ଅଂଶକୁ ଏହାର ପରିଚାଳନା ଦାୟିତ୍ୱରେ ଥିବା କିଛି ଲୋକ ହଡ଼ପ କରି ଦେଇଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। କାରଣ ପୁରୁଷୋତ୍ତମ ଶ୍ରୀରାମ ଜନମାନସରେ ବ୍ୟକ୍ତିଗତ ସାଧୁତା ଓ ସୁଶାସନର ମୂର୍ତ୍ତିମନ୍ତ ପ୍ରତୀକ ରୂପେ ପୂଜା ପାଇଥାନ୍ତି। ରାମାୟଣର ଅଯୋଧ୍ୟା କାଣ୍ଡରେ ବର୍ଣ୍ଣିତ ଅଛି କିପରି ପିତୃସତ୍ୟ ପାଳନ କରି ଶ୍ରୀରାମଚନ୍ଦ୍ର ଚଉଦ ବର୍ଷ ପାଇଁ ବନବାସରେ ବାହାରିବା ପୂର୍ବରୁ ନିଜର ସମଗ୍ର ବ୍ୟକ୍ତିଗତ ସଂପଦକୁ ରାଜ୍ୟବାସୀଙ୍କ ମଧ୍ୟରେ ଦାନ ସୂତ୍ରରେ ବଣ୍ଟନ କରିଦେଇଥିଲେ। ସେତିକି ନୁହେଁ, ସେ ମଧ୍ୟ ସୀତାମାତାଙ୍କୁ ନିଜର ସମସ୍ତ ବ୍ୟକ୍ତିଗତ ସଂପଦ ଦାନ କରିଦେବାକୁ ଅନୁରୋଧ କରିଥିଲେ ଏବଂ ସୀତାମାତା ଶ୍ରୀରାମଙ୍କର ଅନୁରୋଧ ରକ୍ଷାକରି ତାହା କରିଥିଲେ। ମନ୍ଦିରର ପରିଚାଳକମାନେ ପ୍ରଭୁ ଶ୍ରୀରାମଙ୍କ ଆଦର୍ଶର ଠିକ୍ ବିପରୀତ ଆଚରଣ ପ୍ରଦର୍ଶନ କରି ପ୍ରଭୁଙ୍କ ମନ୍ଦିର ନିର୍ମାଣ ଉଦ୍ଦେଶ୍ୟରେ କରାଯାଇଥିବା ଦାନକୁ ଆତ୍ମସାତ୍ ? କରିଦେବା ସମସ୍ତ ରାମପ୍ରେମୀଙ୍କୁ ତେଣୁ ହତଭମ୍ବ କରିଦେଇଛି। ରାମରାଜ୍ୟରେ ରାବଣରାଜ୍ୟସୁଲଭ କାଣ୍ଡ ସେମାନଙ୍କ ମଧ୍ୟରେ ଘୋର ହତାଶା ସୃଷ୍ଟି କରିଛି। ସେଇଥିପାଇଁ ଯେତେବେଳେ ରାମ ମନ୍ଦିରକୁ ଦାନ କରାଯାଇଥିବା ଅର୍ଥରୁ କୋଟି କୋଟି ଟଙ୍କା ବାଟମାରଣା ହୋଇଥିବା ରିପୋର୍ଟ ପ୍ରଥମେ ପ୍ରକାଶ ପାଇଲା, ଭକ୍ତମାନେ ଏହାକୁ ଏକ ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ ଗୁଜବ ରୂପେ ଆଡ଼େଇ ଦେଲେ। ଏପରିକି ଯେତେବେଳେ ଏଇ ହଡ଼ପ ହୋଇଥିବା ରାଶିର ପରିମାଣ ୨୦୦ କୋଟି ଟଙ୍କା ହୋଇପାରେ ବୋଲି ଅନୁମାନ ପ୍ରକାଶ ପାଇଲା, ତାହା ମଧ୍ୟ ଅବିଶ୍ୱାସ୍ୟ ମନେ ହେଲା। ମନ୍ଦିର କର୍ତ୍ତୃପକ୍ଷ ଅଭିଯୋଗର ଯାଂଚକୁ ସ୍ୱାଗତ କରିବା ପରିବର୍ତେ, ତାହାକୁ ଫୁତ୍କାରରେ ଉଡ଼ାଇ ଦେଇ ସବୁ ଠିକ୍ ଅଛି ବୋଲି ଦାବି କଲେ। ସେମାନଙ୍କ ପକ୍ଷରେ ଯାହା ଉଚିତ ହୋଇଥାନ୍ତା, ତାହା ହେଲା ତତ୍‌କ୍ଷଣାତ୍ ଏକ ଏଫ୍‌ଆଇଆର୍ ଦାଖଲ କରି ପୁଲିସ ଅନୁସନ୍ଧାନ ଆରମ୍ଭ କରାଇବା। ସଂପ୍ରତି ଦେଶରେ ହିନ୍ଦୁମାନଙ୍କର ପ୍ରସିଦ୍ଧତମ ପବିତ୍ର ପୀଠରେ ପରିଣତ ହୋଇଥିବା ଏଇ ମନ୍ଦିରର ପରିଚାଳନା ବିରୁଦ୍ଧରେ ହୋଇଥିବା ଏହି ଆପରାଧିକ ଅଭିଯୋଗକୁ ଘୋଡ଼ାଇବାକୁ ଚେଷ୍ଟା କରିବା ପରିବର୍ତେ, ସଂପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ପାଇଁ ହୋଇଥାନ୍ତା ଏକମାତ୍ର ଉଚିତ ମାର୍ଗ। କିନ୍ତୁ ଏହା ପରିବର୍ତେ ସେମାନେ ନିରବତା ଅବଲମ୍ବନକୁ ଏକ ଅଧିକ ନିରାପଦ ମାର୍ଗ ରୂପେ ବିଚାର କଲେ। ସେମାନଙ୍କର ନଛୋଡ଼ବନ୍ଧା ନିରବତା ଜନମାନସରେ ସନ୍ଦେହକୁ ଘନୀଭୂତ କରିବାକୁ ଆରମ୍ଭ କଲା। ଏଇ ପୃଷ୍ଠଭୂମିରେ ଅତୀତରେ ଖୋଦ୍ ଏକ ପ୍ରମୁଖ ଧର୍ମାନୁଷ୍ଠାନର ପରିଚାଳନା ମୁଖ୍ୟ ରୂପେ ଅନୁଭୂତିସଂପନ୍ନ ହୋଇଥିବା ତଥା ନିଜର କଠୋର ସାଧୁତା ପାଇଁ ଖ୍ୟାତ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଅଭିଯୋଗର ନିରପେକ୍ଷ ଅନୁସନ୍ଧାନ ପାଇଁ ଏକ ତିନିଜଣିଆ କମିଟି ଗଠନ କରିବା ଘୋଷଣା କରିଦେଲେ। ସେଇ କମିଟି ଦ୍ୱାରା କରାଯାଇଥିବା ଅନୁସନ୍ଧାନ ଦ୍ୱାରା ଉନ୍ମୋଚିତ ତଥ୍ୟ ଉପରୋକ୍ତ ଅଭିଯୋଗକୁ ଅସ୍ୱୀକାର କରିବା ପାଇଁ ହୋଇଥିବା ସମସ୍ତ ଉଦ୍ୟମକୁ ମାଟିରେ ମିଶାଇ ଦେଇଛି। ଅନୁସନ୍ଧାନକାରୀମାନେ 'ସିସିଟିଭି' ଫୁଟେଜ୍ ଯାଂଚ କରି ଦାନବାକ୍ସରୁ ଚୋରି ହେଉଥିବାର ଠୋସ୍ ପ୍ରମାଣ ଆବିଷ୍କାର କରିଥିଲେ। ଜଣେ ଅଭିଯୁକ୍ତଙ୍କ ଠାରୁ ୮୦ ଲକ୍ଷ ଟଙ୍କା ନଗଦ ରାଶି ଜବତ ହୋଇ ଏହି ଚୋରିକୁ ସତ୍ୟ ସାବ୍ୟସ୍ତ କରିଥିଲା। ଅଭିଯୁକ୍ତଙ୍କର ଜୀବନଶୈଳୀରେ ହଠାତ୍ ଚମକପ୍ରଦ ଉନ୍ନତି ଘଟିଛି ବୋଲି ସେମାନଙ୍କର ସଂପର୍କୀୟମାନେ ଦେଇଥିବା ବୟାନ ଏହାକୁ ଆହୁରି ଦୃଢ଼ୀଭୂତ କରିଛି। ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା 'ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ'ର କେତେକ ଶୀର୍ଷ କର୍ମକର୍ତା ଇତିମଧ୍ୟରେ ଇସ୍ତଫା ଦେଇଥିବା ବେଳେ ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ସହିତ ସେମାନଙ୍କର ଘନିଷ୍ଠ ସଂପର୍କ ଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ଜଣେ ଅଭିଯୁକ୍ତ ମଧ୍ୟ ଟ୍ରଷ୍ଟର ପୂର୍ବତନ ସାଧାରଣ ସଂପାଦକ ଚମ୍ପତରାୟଙ୍କର ଡ୍ରାଇଭର ରୂପେ କାର୍ଯ୍ୟ କରୁଥିଲା ବୋଲି ଅନୁସନ୍ଧାନକାରୀମାନେ ଜାଣିବାକୁ ପାଇଛନ୍ତି। ଏଇ ସମସ୍ତ ପ୍ରକାଶିତ ତଥ୍ୟ ଅନେକଗୁଡ଼ିଏ ଅସ୍ୱସ୍ତିକର ପ୍ରଶ୍ନ ସୃଷ୍ଟି କରିଥାଏ। ଉପରିସ୍ଥ କର୍ମକର୍ତାଙ୍କ ସହଯୋଗ କିମ୍ବା ଅବହେଳା ବିନା ଏଇ ଅଭିଯୁକ୍ତ ତଳିଆ କର୍ମଚାରୀମାନେ କ'ଣ ଏତେ ଦୀର୍ଘ ସମୟ ଧରି ମନ୍ଦିରର ଦାନ ଅର୍ଥକୁ ଲୁଟ୍ କରିଚାଲିବା ସମ୍ଭବ ? କେହି କ'ଣ 'ସିସିଟିଭି' ଚିତ୍ରକୁ କେବେହେଲେ ନିରୀକ୍ଷଣ କରୁ ନ ଥିଲେ ? ସଂସ୍ଥାର ଆଭ୍ୟନ୍ତରୀଣ ଅଡିଟ୍ ନିୟମିତ ଭାବରେ ସଂପାଦନ କରାଯାଉ ନ ଥିଲା କି ? ଏ ସମସ୍ତର ଉତ୍ତରଦାୟିତ୍ୱ କେବଳ କେତେଜଣ ତଳିଆ କର୍ମଚାରୀଙ୍କ ମୁଣ୍ଡରେ ଲଦି ଦିଆଯାଇ ପାରିବ ନାହିଁ। ଏବେ ଶୁଣାଯାଉଛି ଯେ ମନ୍ଦିରକୁ ଦିଆଯାଉଥିବା ଦାନ ପାଇଁ ବିଧିବଦ୍ଧ ରସିଦ ପ୍ରଦାନ କରାଯାଇ ତାକୁ ଲିପିବଦ୍ଧ କରାଯିବାର କୌଣସି ସୁସଂହତ ବ୍ୟବସ୍ଥା ସେଠାରେ କାର୍ଯ୍ୟ କରୁ ନ ଥିଲା। ଏଭଳି ନିର୍ଭୁଲ୍ ରେକର୍ଡର ଅନୁପସ୍ଥିତିରେ ପ୍ରକୃତରେ କେତେ ଆକାରର ଦାନ ରାଶି ଚୋରି ହୋଇଛି ତାହା କେବେହେଲେ ଠିକ୍ ଭାବରେ ଜଣାପଡ଼ିବ ନାହିଁ। ବର୍ତ୍ତମାନ ସରକାର, ମନ୍ଦିର କର୍ତ୍ତୃପକ୍ଷ, ପୁଲିସ ଓ ନ୍ୟାୟାଳୟ ସମ୍ମୁଖରେ ଉପଲବ୍ଧ ଏକମାତ୍ର ବିକଳ୍ପ ହେଉଛି ସମୁଦାୟ ଅପରାଧର ଏକ ନିରପେକ୍ଷ ଓ ତ୍ୱରିତ ଅନୁସନ୍ଧାନ କରି ଦୋଷୀଙ୍କୁ ଚିହ୍ନଟ କରି ତୁରନ୍ତ ଦଣ୍ଡିତ କରିବା, ସେମାନେ ଯେତେ ଉଚ୍ଚ ପଦପଦବିରେ ଅଧିଷ୍ଠିତ ହୋଇଥାନ୍ତୁ ନା କାହିଁକି। ମନେ ରଖିବା କଥା, ଏଇ ଅପରାଧୀମାନଙ୍କ ଦୃଷ୍ଟିକୋଣରୁ ସେମାନେ କେବଳ କିଛି ଅର୍ଥ ବା ସୁନାରୂପା ଚୋରି କରିଛନ୍ତି; କିନ୍ତୁ ଦେଶର କୋଟି କୋଟି ରାମଭକ୍ତଙ୍କ ଦୃଷ୍ଟିକୋଣରୁ ଚୋରମାନେ ସେମାନଙ୍କର ବିଶ୍ୱାସକୁ ଚୋରି କରିଛନ୍ତି। ପ୍ରତ୍ୟେକ ଧର୍ମର ଭିତ୍ତି ହେଉଛି ଆସ୍ଥା ବା ବିଶ୍ୱାସ। ଆଉ ଅଯୋଧ୍ୟାରେ ବର୍ତ୍ତମାନ ଦଣ୍ଡାୟମାନ ରାମ ମନ୍ଦିର କିପରି ଦୀର୍ଘ କାଳ ଧରି ସୃଷ୍ଟି ହୋଇଥିବା ଏକ ବିଶ୍ୱାସର ବନ୍ୟା ଓ ଆସ୍ଥାର ସଂଗ୍ରାମ ଉପରେ ପ୍ରତିଷ୍ଠିତ ହୋଇଛି, ତାହା ବିଷୟରେ ଅଧିକ କିଛି କହିବା ଅନାବଶ୍ୟକ। ସେଇ ବିଶ୍ୱାସ ଦ୍ୱାରା ଆକର୍ଷିତ ହୋଇ ବହୁ କଷ୍ଟ ସ୍ୱୀକାର କରି ଦେଶର କୋଣ ଅନୁକୋଣରୁ ଅଯୋଧ୍ୟାକୁ ଆସୁଥିବା ଅଗଣିତ ଭକ୍ତମାନଙ୍କୁ ଏହା କିଭଳି ମାନସିକ ଆଘାତ ଦେଉଥିବ, ତାହା ଯେ କେହି ସହଜରେ ଅନୁମାନ କରିପାରିବ। ଯାହାଙ୍କୁ ହୃଦୟରେ ସ୍ଥାପନ କରି ମହାତ୍ମା ଗାନ୍ଧୀ 'ରାମରାଜ୍ୟ'ର ପରିକଳ୍ପନା କରିଥିଲେ, ସେଇ ପ୍ରଭୁ ଶ୍ରୀରାମ ନିଜର ଚକ୍ଷୁ ସମ୍ମୁଖରେ ଘଟୁଥିବା ଭକ୍ତଙ୍କ ଦାନର ଚୋରିକୁ ଅସହାୟ ଭାବରେ ଚାହିଁ ରହିଛନ୍ତି। ବାପୁ ଶେଷ ନିଃଶ୍ୱାସ ତ୍ୟାଗ କଲାବେଳେ ତାଙ୍କ ମୁଖରୁ ନିର୍ଗତ ଶେଷ ଶବ୍ଦ ଥିଲା- 'ହେ ରାମ !' ବାପୁ ଯଦି ଆଜି ଜୀବିତ ଥାନ୍ତେ, ତେବେ ଏସବୁ ଦେଖି ଜୀବିତାବସ୍ଥାରେ ସେ ନିଶ୍ଚିତ ରୂପେ ହତାଶ ହୋଇ କହିପକାଇଥାନ୍ତେ- 'ହେ ରାମ !'

# ଅପରାଧର ମାନଚିତ୍ର

'ଏନ୍‌ସିଆରବି' ରିପୋର୍ଟ ଭାରତରେ ଅପରାଧର ଏକ ଚିନ୍ତାଜନକ ଚିତ୍ର ବହନ କରୁଥିଲେ ହେଁ, ଏହା ମଧ୍ୟ ଲକ୍ଷ୍ୟ କରିବା କଥା ଯେ ଦେଶରେ ହିଂସାତ୍ମକ ଅପରାଧ ବର୍ତମାନ ଏକ ଚଟାଣରେ ପହଂଚି ଯାଇଥିବା ଭଳି ମନେ ହେଉଛି। ପୁଲିସ ଓ ଆଇନ କାର୍ଯ୍ୟକାରୀ କରୁଥିବା ସଂସ୍ଥାମାନେ ଏହି ସୁଯୋଗର ସଦ୍‌ବ୍ୟବହାର କରି କଠୋର କାର୍ଯ୍ୟାନୁଷ୍ଠାନ ଜାରି ରଖିଲେ, ସେଥିରେ ଆଉ ବୃଦ୍ଧି ନ ଘଟି ତାହା କ୍ରମେ ହ୍ରାସ ପାଇବାରେ ଲାଗିବ। ପ୍ରତି ବର୍ଷ 'ନେସନାଲ୍ କ୍ରାଇମ୍ ରେକର୍ଡସ ବ୍ୟୁରୋ' ('ଏନ୍‌ସିଆରବି') ଭାରତରେ ଅପରାଧର ସାମଗ୍ରିକ ଚିତ୍ର ସମ୍ବଳିତ ଏକ ରିପୋର୍ଟ ପ୍ରକାଶ କରିଥାଏ। ସେଇ ଧାରାର ଅଂଶ ସ୍ୱରୂପ 'ଏନ୍‌ସିଆରବି' ଦ୍ୱାରା ସଦ୍ୟ ପ୍ରକାଶିତ ହୋଇଥିବା ରିପୋର୍ଟ ୨୦୨୩ ପାଇଁ ଭାରତରେ ଅପରାଧ ସମ୍ବନ୍ଧରେ ଯେଉଁ ଚିତ୍ର ପ୍ରଦାନ କରିଥାଏ, ତାହା ଅନେକ ଦୃଷ୍ଟିରୁ ବେଶ୍ ତାତ୍ପର୍ଯ୍ୟ ବହନ କରିଥାଏ। ଏହି ରିପୋର୍ଟ ଅନୁସାରେ ସେ ବର୍ଷ ଦେଶରେ ମୋଟ ୬.୪ ନିୟୁତ ସଂଖ୍ୟକ ଅପରାଧ ଘଟଣା ପଞ୍ଜିକୃତ ହୋଇଥିଲା, ଯାହା ତା'ର ପୂର୍ବ ବର୍ଷ ତୁଳନାରେ ୭.୨ ଶତାଂଶ ଅଧିକ ଥିଲା। ଏହା ଫଳରେ ଦେଶରେ ଅପରାଧ ହାର ପ୍ରତି ଏକ ଲକ୍ଷ ନାଗରିକଙ୍କ ପିଛା ୪୪୮ରେ ପହଂଚିଥିଲା, ଯାହା ବିଗତ ୨୦ ବର୍ଷ ମଧ୍ୟରେ ତିନି ଗୁଣ ହୋଇଛି। ରିପୋର୍ଟ ପ୍ରଦର୍ଶିତ କରିଥିବା ଅପରାଧ ସଂଖ୍ୟାରେ ଏହି ବୃଦ୍ଧି ପଛରେ ମୁଖ୍ୟତଃ ତିନିଟି କାରଣ ନିହିତ ଅଛି। ପ୍ରଥମ- ଅପରାଧ ରିପୋର୍ଟ କରାଯିବାରେ ବୃଦ୍ଧି; ଦ୍ୱିତୀୟ- ଅପରାଧର ସହରୀକରଣ; ତୃତୀୟ- ସାଇବର୍ ଅପରାଧର ଆବିର୍ଭାବ। ୨୦୨୩ରେ ଭାରତର ସହରାଂଚଳରେ ଘଟୁଥିବା ଅପରାଧ ସଂଖ୍ୟାରେ ୧୦.୬ ଶତାଂଶ ବୃଦ୍ଧି ଘଟିଥିଲା ଏବଂ ସାଇବର୍ ଅପରାଧ ସଂଖ୍ୟାରେ ୩୧.୨ ଶତାଂଶ ବୃଦ୍ଧି ଘଟିଥିଲା। ଏ ସମସ୍ତର ମିଳିତ ପ୍ରଭାବରେ ସେ ବର୍ଷ ଦେଶରେ ହାରାହାରି ପ୍ରତି ୫ ସେକେଣ୍ଡରେ ଗୋଟିଏ ଅପରାଧ ଘଟିବା ଦେଖାଯାଇଥିଲା। ଦେଶରେ ଘଟିଥିବା ପ୍ରାୟ ୨୦ ହଜାରରୁ ଅଧିକ ହତ୍ୟାକାଣ୍ଡ ଆମେରିକା ସହିତ ପ୍ରାୟ ସମାନ ହୋଇଥିଲେ ହେଁ ପ୍ରତି ଏକ ଲକ୍ଷ ଲୋକସଂଖ୍ୟା ପିଛା ଦେଖିଲେ ଏହା ହେଉଛି ଆମେରିକାର ୪୦ ଶତାଂଶ ମାତ୍ର। ପ୍ରତି ଏକ ଲକ୍ଷ ଲୋକସଂଖ୍ୟା ପିଛା ଭାରତରେ ଘଟିଥିବା ୨.୩ଟି ହତ୍ୟାକାଣ୍ଡ ହେଉଛି ମେକ୍ ?ସିକୋ ଓ ବ୍ରାଜିଲ୍ ଭଳି ଦେଶମାନଙ୍କରେ ଘଟୁଥିବା ହତ୍ୟାକାଣ୍ଡ ସଂଖ୍ୟାର ଏକ-ଦଶମାଂଶ ମାତ୍ର। କିନ୍ତୁ ବ୍ରିଟେନ୍ ତୁଳନାରେ ଭାରତରେ ଏହି ଅପରାଧ ହାର ଦୁଇ ଗୁଣ ହୋଇଥାଏ। ସାଇବର୍ ଅପରାଧ କ୍ଷେତ୍ରରେ ଯେଉଁ ଦୁଇ ରାଜ୍ୟ ଶୀର୍ଷ ସ୍ଥାନ ଦଖଲ କରିଛନ୍ତି, ସେମାନେ ହେଲେ କର୍ଣ୍ଣାଟକ ଓ ତେଲେଙ୍ଗାନା, ଯେଉଁଠାରେ ଏହି ଆଧୁନିକ ଅପରାଧ ସଂଖ୍ୟା ୧୭,୦୦୦ ଅତିକ୍ରମ କରିଛି। ସର୍ବାଧିକ ସଂଖ୍ୟକ ସାଇବର୍ ଅପରାଧ ଘଟିଥିବା ନଗରୀ ହେଉଛି ସ୍ୱାଭାବିକ ଭାବରେ ବେଙ୍ଗାଲୁରୁ। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ଦେଶରେ ସର୍ବାଧିକ ସଂଖ୍ୟକ ଯୌ?ତୁକ ସଂପର୍କିତ ଅପରାଧ ଘଟିଥିବା ନଗରୀ ହେଉଛି ସେଇ ବେଙ୍ଗାଲୁରୁ ମଧ୍ୟ। ୨୦୨୩ରେ ସେଇ ଟେକ୍‌ନୋ ନଗରୀରେ ୧୦୦୦ଟିରୁ ଅଧିକ ଯୌ?ତୁକଜନିତ ଅପରାଧ ଘଟିଥିଲା। ଅଥଚ ଏଭଳି ଅପରାଧ ପାଇଁ କୁଖ୍ୟାତ ବିହାରର ପାଟନାରେ ଏହି ଅପରାଧ ସଂଖ୍ୟା ମାତ୍ର ଶହେଟିରୁ କିଛି ଅଧିକ ମଧ୍ୟରେ ସୀମିତ ଥିଲା ଏବଂ ଲକ୍ଷ୍ନୌ ?ରେ ଏହି ସଂଖ୍ୟା ଥିଲା ମାତ୍ର ୧୯ଟି। ସେଇଭଳି ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ତାମିଲନାଡୁରେ ପ୍ରତି ଏକ ଲକ୍ଷ ଲୋକଙ୍କ ପିଛା ହାରାହାରି ଅପରାଧ ସଂଖ୍ୟା ହେଉଛି ୯୭୮, ଯାହା ଉପରେ ଉଲ୍ଲେଖ କରାଯାଇଥିବା ଜାତୀୟ ହାରାହାରିର ପ୍ରାୟ ଦୁଇଗୁଣ ! ମନେ ହୁଏ ବେଙ୍ଗାଲୁରୁରେ ସାଇବର୍ ଅପରାଧ ସଂଖ୍ୟା ଓ ତାମିଲନାଡୁରେ ସାଧାରଣ ଅପରାଧ ସଂଖ୍ୟା ଯେଉଁ ଉଚ୍ଚ ହୋଇଥିବା ଦେଖାଯାଇଛି, ତାହାର ସମ୍ଭାବ୍ୟ କାରଣ ହୋଇପାରେ ସେଠାରେ ଅନୁସୃତ ହେଉଥିବା ଆନୁଷ୍ଠାନିକ ସ୍ୱଚ୍ଛତା ଓ ଅନ୍ୟ ଅଂଚଳ ତୁଳନାରେ ପୁଲିସ ଉପରେ ଜନସାଧାରଣ ପ୍ରଦର୍ଶନ କରୁଥିବା ଅଧିକ ବିଶ୍ୱାସ ଓ ଭରସା। ୨୦୨୩ରେ ଦେଶରେ ହିଂସାତ୍ମକ ଅପରାଧ ସଂଖ୍ୟା ପ୍ରାୟ ସ୍ଥିର ରହିଥିବା ବେଳେ ଏ ବାବଦରେ ଦେଶରେ ପ୍ରଥମ ତିନିଟି ସ୍ଥାନ ଦଖଲ କରିଥିବା ନଗରୀମାନ ହେଲେ ଯଥାକ୍ରମେ ଦିଲ୍ଲୀ, ମୁମ୍ବାଇ ଓ ବେଙ୍ଗାଲୁରୁ। 'ଏନ୍‌ସିଆରବି' ଯେଉଁସବୁ ଅପରାଧମାନଙ୍କୁ ହିଂସାତ୍ମକ ଅପରାଧ ଶ୍ରେଣୀଭୁକ୍ତ କରିଛି ସେଗୁଡ଼ିକ ହେଲେ ହତ୍ୟା, ହରଣଚାଲ ଓ ଅପହରଣ, ଧର୍ଷଣ, ହତ୍ୟା ଉଦ୍ୟମ, ଡକାୟତି, ଅଗ୍ନିକାଣ୍ଡ ଓ ଦଙ୍ଗାଗୋଳ ଆଦି। ଦିଲ୍ଲୀ ଓ ମୁମ୍ବାଇରେ ହିଂସାତ୍ମକ ଅପରାଧର ପରମ୍ପରା ଦୀର୍ଘ ହୋଇଥିବା ବେଳେ ବେଙ୍ଗାଲୁରୁ ମଧ୍ୟ ତାଲିକାର ଶୀର୍ଷ ଦେଶରେ ସେମାନଙ୍କ ସହିତ ଯୋଗଦେବାର କାରଣ ବୋଧହୁଏ ହେଉଛି ସେଠାରେ ଘଟୁଥିବା ସହରୀକରଣର ଦ୍ରୁତ ସଂପ୍ରସାରଣ ଓ ଅପରାଧ ରିପୋର୍ଟ କରାଯିବାରେ ପରିଲକ୍ଷିତ ଉନ୍ନତି। ରିପୋର୍ଟ ଅନୁସାରେ ଦେଶରେ ପ୍ରତି ଏକ ଲକ୍ଷ ମହିଳାଙ୍କ ମଧ୍ୟରୁ ହାରାହାରି ୬୬.୨ ଜଣ କୌଣସି ନା କୌଣସି ଅପରାଧର ଶିକାର ହୋଇଥାନ୍ତି। ସାଧାରଣ ଅପରାଧମାନଙ୍କ ଭଳି ବିଗତ ବାର ବର୍ଷ ମଧ୍ୟରେ ମହିଳା-ବିରୋଧୀ ଅପରାଧ ସଂଖ୍ୟାରେ ତିନିଗୁଣ ବୃଦ୍ଧି ଘଟିବା ଦେଖାଯାଇଛି। ଏହି ଦୃଷ୍ଟିକୋଣରୁ ଯେଉଁ ଦୁଇଟି ରାଜ୍ୟରେ ମହିଳାମାନେ ସର୍ବାଧିକ ଅସୁରକ୍ଷିତ ବୋଲି କୁହାଯାଇ ପାରିବ, ସେମାନେ ହେଲେ ଦିଲ୍ଲୀ ଓ ତେଲେଙ୍ଗାନା। ଦିଲ୍ଲୀରେ ଉପରୋକ୍ତ ପରିସଂଖ୍ୟାନ ୧୩୩ ହୋଇଥିବା ବେଳେ ତେଲେଙ୍ଗାନାରେ ତାହା ହେଉଛି ୧୨୪। ଏ କ୍ଷେତ୍ରରେ ଯାହା ହେଉଛି ଅତ୍ୟନ୍ତ ଚିନ୍ତାଜନକ, ତାହା ହେଲା ମହିଳାମାନଙ୍କ ପ୍ରତି ଯେଉଁ ସମସ୍ତ ଅପରାଧମାନ ପଞ୍ଜିକୃତ ହୋଇଥାଏ, ସେଥିମଧ୍ୟରୁ ଅଧିକାଂଶ ହେଉଛି ସ୍ୱାମୀ କିମ୍ବା ସଂପର୍କୀୟମାନଙ୍କ ଦ୍ୱାରା ଆଚରିତ ଅପରାଧ। ବିଶେଷ କରି ବିଗତ ଦଶନ୍ଧି ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତିର ମହିଳାମାନଙ୍କ ବିରୋଧରେ ଅପରାଧ ହାରରେ ତୀକ୍ଷ୍ଣ ବୃଦ୍ଧି ଘଟିଥିବା ଦେଖାଯାଇଛି। ୨୦୨୩ରେ ଦେଶରେ ମୋଟ ପ୍ରାୟ ୪୪୪,୦୦୦ଟି ଦୁର୍ଘଟଣାଜନିତ ମୃତ୍ୟୁ ଘଟିଥିଲା, ଯାହା ଏଥିରେ ୩.୨ ଶତାଂଶ ବୃଦ୍ଧି ଦର୍ଶାଇଥାଏ। ଏଥିମଧ୍ୟରୁ ସଡ଼କ ଦୁର୍ଘଟଣା ଯୋଗୁଁ ମୃତ୍ୟୁର ଅଂଶ ହେଉଛି ଏକ ଉଚ୍ଚ ୪୫ ଶତାଂଶ। ସର୍ବାଧିକ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଘଟୁଥିବା ପ୍ରଥମ ତିନିଟି ସହର ହେଉଛନ୍ତି ଦିଲ୍ଲୀ, ଜୟପୁର ଓ ବେଙ୍ଗାଲୁରୁ। ଅତୀତରେ ଭାରତକୁ ସାପୁଆ କେଳାମାନଙ୍କର ଦେଶ ରୂପେ ବର୍ଣ୍ଣନା କରାଯାଉଥିଲା। ସେମାନେ କ୍ରମେ ଦୃଶ୍ୟପଟରୁ ପ୍ରାୟ ଅନ୍ତର୍ହିତ ହୋଇ ଯାଇସାରିଥିବା ବେଳେ ସାପମାନେ ଯେ ପୂର୍ବଭଳି ଏଠାରେ ଅବାଧରେ ବିଚରଣ କରିବାରେ ଲାଗିଛନ୍ତି, ତାହାର ପ୍ରମାଣ ସ୍ୱରୂପ 'ଏନ୍‌ସିଆରବି' ରିପୋର୍ଟ ଅନୁସାରେ ୨୦୨୩ରେ ଭାରତରେ ପ୍ରାୟ ୧୦,୦୦୦ ସଂଖ୍ୟକ ସର୍ପାଘାତଜନିତ ମୃତ୍ୟୁ ଘଟିଥିଲା। ୨୦୨୩ରେ ଭାରତରେ ଆତ୍ମହତ୍ୟା ହାରରେ ବୃଦ୍ଧି ଘଟି ତାହାର ଅନୁପାତ ପ୍ରତି ଏକ ଲକ୍ଷ ଲୋକଙ୍କ ପିଛା ୧୨.୪ରେ ପହଂଚିଥିଲା। ଚିନ୍ତାଜନକ ଭାବରେ ଆତ୍ମହତ୍ୟା କରିଥିବା ଲୋକମାନଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶଙ୍କର ବୟସ ଥିଲା ୪୫ ବର୍ଷରୁ କମ୍। ବିଶୁଦ୍ଧ ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖିଲେ ଏହା ହେଉଛି ଅତ୍ୟନ୍ତ ଦୁର୍ଭାଗ୍ୟଜନକ, କାରଣ ଜୀବନର ସର୍ବାଧିକ ଉତ୍ପାଦନଶୀଳ ସମୟରେ ଏମାନେ ଜୀବନ ଠାରୁ ଆପଣାଛାଏଁ ବିଦାୟ ନେବାକୁ ନିଷ୍ପତି ନେଇଛନ୍ତି। ଆତ୍ମହତ୍ୟା ସଂଖ୍ୟା ଦୃଷ୍ଟିରୁ ପ୍ରଥମ ଦୁଇଟି ରାଜ୍ୟ ହେଲେ ମହାରାଷ୍ଟ୍ର ଓ ତାମିଲନାଡୁ। ସେ ବର୍ଷ ଦେଶରେ ପ୍ରାୟ ୧୧,୦୦୦ କୃଷକ ଆତ୍ମହତ୍ୟା କରିଥିଲେ, ଯେଉଁଥିରେ ପ୍ରଥମ ଦୁଇଟି ସ୍ଥାନ ଦଖଲ କରିଥିବା ରାଜ୍ୟମାନେ ହେଲେ ମହାରାଷ୍ଟ୍ର ଓ କର୍ଣ୍ଣାଟକ। 'ଏନ୍‌ସିଆରବି' ରିପୋର୍ଟ ଭାରତରେ ଅପରାଧର ଏକ ଚିନ୍ତାଜନକ ଚିତ୍ର ବହନ କରୁଥିଲେ ହେଁ, ଏହା ମଧ୍ୟ ଲକ୍ଷ୍ୟ କରିବା କଥା ଯେ ଦେଶରେ ହିଂସାତ୍ମକ ଅପରାଧ ବର୍ତ୍ତମାନ ଏକ ଚଟାଣରେ ପହଂଚି ଯାଇଥିବା ଭଳି ମନେ ହେଉଛି। ପୁଲିସ ଓ ଆଇନ କାର୍ଯ୍ୟକାରୀ କରୁଥିବା ସଂସ୍ଥାମାନେ ଏହି ସୁଯୋଗର ସଦ୍‌ବ୍ୟବହାର କରି କଠୋର କାର୍ଯ୍ୟାନୁଷ୍ଠାନ ଜାରି ରଖିଲେ, ସେଥିରେ ଆଉ ବୃଦ୍ଧି ନ ଘଟି ତାହା କ୍ରମେ ହ୍ରାସ ପାଇବାରେ ଲାଗିବ। ଦେଶ ପାଇଁ ଏବେ ଯେଉଁ ନୂତନ ଆହ୍ୱାନ ସୃଷ୍ଟି ହୋଇଛି, ତାହା ହେଉଛି ସାଇବର୍ ଅପରାଧରେ ଘଟୁଥିବା ବୃଦ୍ଧି। ଏହାର ସଫଳ ମୁକାବିଲା ନିମିତ ସବୁମନ୍ତେ ଉଦ୍ୟମ କରାଯିବା ଆବଶ୍ୟକ ଓ ଜରୁରି।

## ଏନ୍‌ସିସି ଏବଂ ସୈନିକ ସ୍କୁଲଗୁଡ଼ିକର ବିସ୍ତାରରେ ରାଜ୍ୟ ଅଂଶଗ୍ରହଣ ଉପରେ ଉପରାଷ୍ଟ୍ରପତିଙ୍କ ଗୁରୁତ୍ୱାରୋପ

ନୂଆଦିଲ୍ଲୀ: ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ସୋମବାର ଜାତୀୟ କ୍ୟାଡେଟ୍ କୋର୍ପସ ଏବଂ ସୈନିକ ସ୍କୁଲଗୁଡ଼ିକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ଅଂଶଗ୍ରହଣ, ଭିତିଭୂମି ବିକାଶ ଏବଂ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ପରାମର୍ଶ ଦେଇଛନ୍ତି ଯେ ପ୍ରତ୍ୟେକ ରାଜ୍ୟରେ ତିନି ରୁ ପାଂଚଟି ସୈନିକ ସ୍କୁଲ ପ୍ରତିଷ୍ଠା କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯିବା ଉଚିତ। ଉପରାଷ୍ଟ୍ରପତିଙ୍କ ସଚିବାଳୟ ଅନୁଯାୟୀ, ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପରାଷ୍ଟ୍ରପତିଙ୍କ ଗୃହରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନଙ୍କୁ ଏନସିସି ଏବଂ ସୈନିକ ସ୍କୁଲଗୁଡ଼ିକର କାର୍ଯ୍ୟକଳାପ ଏବଂ ସମ୍ପ୍ରସାରଣ ଯୋଜନା ବିଷୟରେ ସୂଚନା ଦେଇଥିଲେ। ବୈଠକରେ, ଅଧିକାରୀମାନେ ଏନସିସିର ସାଂଗଠନିକ ପ୍ରସାରଣ, ଯେଉଁଥିରେ ପ୍ରାୟ ୨ ନିୟୁତ କ୍ୟାଡେଟ୍, ତାଲିମ କାର୍ଯ୍ୟକ୍ରମ, ରାଷ୍ଟ୍ର ନିର୍ମାଣ ପଦକ୍ଷେପ ଏବଂ ଦେଶବ୍ୟାପୀ ସୈନିକ ସ୍କୁଲଗୁଡ଼ିକର ପରିଚାଳନା ଏବଂ ପ୍ରସାରଣ ରହିଛି, ସେ ବିଷୟରେ ବର୍ଣ୍ଣନା କରିଥିଲେ। ଉପରାଷ୍ଟ୍ରପତି ରାଷ୍ଟ୍ର ନିର୍ମାଣରେ ଏନସିସିର ଭୂମିକାକୁ ପ୍ରଶଂସା କରିଥିଲେ ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ' ଶିବିରଗୁଡ଼ିକୁ ଜାତୀୟ ଏକତାକୁ ସୁଦୃଢ଼ କରିବା ପାଇଁ ଏକ ଉତ୍କୃଷ୍ଟ ପଦକ୍ଷେପ ଭାବରେ ବର୍ଣ୍ଣନା କରିଥିଲେ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ଅଧ୍ୟାପକ ଶ୍ରୀକର ଭୋଇଙ୍କ କଥାନି ସଂକଳନ ‘୧୯ ଖଣ୍ଡିଆ ଆଇମା କଥାନି’ ଲୋକାର୍ପିତ

ଝାରସୁଗୁଡ଼ା,୧୪/୭(ନି/ପ୍ର): ଜିଲ୍ଲାର ବିଶିଷ୍ଟ କଥାଶିଳ୍ପୀ ତଥା ଅଧ୍ୟାପକ ଶ୍ରୀକର ଭୋଇଙ୍କ ସମ୍ବଲପୁରୀ କଥାନି ସଂକଳନ ‘୧୯ ଖଣ୍ଡିଆ ଆଇମା କଥାନି’ର ଭବ୍ୟ ଲୋକାର୍ପଣ ଉତ୍ସବ ଆଜି ଝାରସୁଗୁଡ଼ା ବରିଷ୍ଠ ନାଗରିକ କଲ୍ୟାଣ ସମିତି ପରିସରରେ ଗମ୍ଭୀର ଓ ସାହିତ୍ୟିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି କଥାନି ସଂକଳନରେ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ ଅନ୍ତର୍ଗତ ଐତିହାସିକ ୧୯ ଖଣ୍ଡ ମୌଜା ଅଂଚଳରେ ଆଇମାମାନଙ୍କ ମୁଖରୁ ପିଢ଼ି ପରମ୍ପରାରେ ପ୍ରଚଳିତ ଲୋକକଥାଗୁଡ଼ିକୁ ସମ୍ବଲପୁରୀ ଭାଷାରେ ସଂଗ୍ରହ ଓ ସଂକଳନ କରାଯାଇଛି। ଏହି କାହାଣୀମାନଙ୍କ ମାଧ୍ୟମରେ ସେହି ଅଂଚଳର ଲୋକଜୀବନ, ସଂସ୍କୃତି, ପରମ୍ପରା, ଆଚାର-ବିଚାର, ଜୀବନଶୈଳୀ ଏବଂ ସାମାଜିକ ମୂଲ୍ୟବୋଧର ଏକ ଜୀବନ୍ତ ଚିତ୍ର ଉପସ୍ଥାପିତ ହୋଇଛି। ଆଲୋଚକମାନେ ଏହାକୁ ସମ୍ବଲପୁରୀ ଲୋକସାହିତ୍ୟର ଏକ ମୂଲ୍ୟବାନ ଓ ଦୁର୍ଲଭ ସଂଯୋଜନ ବୋଲି ଅଭିହିତ କରିଥିଲେ। ୧୯ ଖଣ୍ଡ ମୌଜା ସାହିତ୍ୟ ପରିଷଦର ବରିଷ୍ଠ ଉପଦେଷ୍ଟା ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ତପନ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ସାହିତ୍ୟିକ ଓ ସମାଲୋଚକ ଅଧ୍ୟାପକ ମୋହନ ସାହୁ, ଡ. ଶ୍ୟାମ ସୁନ୍ଦର ଧର, ଡ. ଦ୍ୱାରିକା ନାଥ ନାୟକ, ବରିଷ୍ଠ ସମାଜଶାସ୍ତ୍ରୀ ମୁକ୍ତକଣ୍ଠ ପ୍ରଧାନ ଏବଂ ଅବସରପ୍ରାପ୍ତ ଅଧ୍ୟକ୍ଷ ଟହଲୁ ସାହୁ ଆଲୋଚକ ଭାବେ ଯୋଗଦେଇ ପୁସ୍ତକଟିର ସାହିତ୍ୟିକ ଓ ସାଂସ୍କୃତିକ ମହତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ୧୯ ଖଣ୍ଡ ମୌଜା ସାହିତ୍ୟ ପରିଷଦର ବିଶିଷ୍ଟ କବି ରମେଶ ପସାଏତ ଉଦ୍ଦେଶ୍ୟ ଜ୍ଞାପନ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ପ୍ରତାପ କେଶରୀ ହୋତା ପୁସ୍ତକର ବିବରଣୀ ପାଠ କରିବା ସହ ସୁଚାରୁ ଭାବେ ସଭା ପରିଚାଳନା କରିଥିଲେ। ଏହି ଅବସରରେ ପରିଷଦର ବରିଷ୍ଠ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କୁଶ ସା, ସୁକୁମାର ପୁରୋହିତ, ମହେଶ ପ୍ରଧାନ, ଅରବିନ୍ଦ ଭୋଇ, ଆକାଶ ବାରିକ, ମୁରାରୀ ପ୍ରସାଦ ପସାଏତ ପ୍ରମୁଖ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ସରୋଜ ମିଶ୍ର ଧନ୍ୟବାଦ ଅର୍ପଣ କରି ସଭାର ସମାପନ ଘୋଷଣା କରିଥିଲେ। ସମ୍ବଲପୁରୀ ଭାଷା, ଲୋକସଂସ୍କୃତି ଓ ମୌଖିକ ପରମ୍ପରାର ସଂରକ୍ଷଣ ଦିଗରେ ‘୧୯ ଖଣ୍ଡିଆ ଆଇମା କଥାନି’ ଏକ ଉଲ୍ଲେଖନୀୟ ଓ ଯୁଗୋପଯୋଗୀ ସାହିତ୍ୟିକ ଅବଦାନ ବୋଲି ଉପସ୍ଥିତ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଥିଲେ।

# ଦେବେନ୍ଦ୍ର ହତ୍ୟା ଘଟଣାର ଅଭିଯୁକ୍ତ ଗିରଫ, ରକ୍ତଲଗା ଛୁରୀ ଜବତ

ସମ୍ବଲପୁର, ୧୪/୭(ନି/ପ୍ର): ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ପଠାଣବନ୍ଧ ଗଣେଶ ନଗରରେ ଘଟିଥିବା ଏକ ହତ୍ୟା ଘଟଣାର ତଦନ୍ତ କରି ବୁର୍ଲା ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିଛି। ଏହି ଘଟଣାରେ ବୁର୍ଲା ଥାନାରେ ୩୦୬/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ପୋଲିସ ସୂଚନା ଅନୁଯାୟୀ, ପଠାଣବନ୍ଧ ଗଣେଶ ନଗରର ଦୋଳାମଣି ମହାନନ୍ଦ (୫୦) ଅଭିଯୋଗ କରିଥିଲେ ଯେ, କୌଣସି ଏକ କାରଣକୁ ନେଇ ବଚସା ପରେ ତାଙ୍କ ପୁଅ ଦେବେନ୍ଦ୍ର ମହାନନ୍ଦଙ୍କୁ ନିଗମ ଓରଫ ଅଜ୍ଜୁ ସୁନା ନିର୍ମମ ଭାବେ ଆକ୍ରମଣ କରିଥିଲା। ଗୁରୁତର ଆହତ ଅବସ୍ଥାରେ ଦେବେନ୍ଦ୍ରଙ୍କୁ ତୁରନ୍ତ ଭୀମସାର ବୁର୍ଲାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଅଭିଯୁକ୍ତ ପଠାଣବନ୍ଧ, ଗଣେଶ ନଗରର ୨୫ ବର୍ଷିୟ ନିଗମ ଓରଫ ଅଜ୍ଜୁ ସୁନାକୁ ବୁର୍ଲା ଥାନା ପୋଲିସ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ପୋଲିସ ଅଭିଯୁକ୍ତ ନିକଟରୁ ରକ୍ତଲଗା ଏକ ଧାରୁଆ ବଙ୍କା ଛୁରୀ ମଧ୍ୟ ଜବତ କରିଛି। ପୋଲିସ ରେକର୍ଡ ଅନୁଯାୟୀ, ଅଭିଯୁକ୍ତ ନିଗମ ବିରୋଧରେ ପୂର୍ବରୁ ଅବକାରୀ ଏବଂ ଏନଡିପିଏସ୍ ଆଇନ ଅଧୀନରେ ଏକାଧିକ ମାମଲା ରହିଛି।

# ଭିନ୍ନକ୍ଷମ ପ୍ରମାଣପତ୍ର ଥିଲେ ମଧ୍ୟ ସରକାରୀ ଯୋଜନାରୁ ବଚିଂତ ବାସଗୃହ ଓ ଭତା ପାଇଁ ସୁକଲଙ୍କ ଆକୁଳ ନିବେଦନ



ନବରଙ୍ଗପୁର,୧୪/୭(ନି/ପ୍ର): ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଅନ୍ତର୍ଗତ ତୁରୁଡିହୀ ପଚାଂୟତର ହନ୍ଦାପାରା ଗ୍ରାମର ଜଣେ ଭିନ୍ନକ୍ଷମ ମହିଳା ସୁକଲ ହରିଜନ ବୈଧ ପ୍ରମାଣପତ୍ର ଥିବା ସତ୍ତ୍ୱେ ବିଭିନ୍ନ ସରକାରୀ ସହାୟତାରୁ ବଚିଂତ ରହିଥିବା ଅଭିଯୋଗ ଉଠିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଚଂଳରେ ଚିନ୍ତା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ସୁକଲ ହରିଜନ ୨୦୧୩ ମସିହାରେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ସେ ଭିନ୍ନକ୍ଷମ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମେତ ଅନ୍ୟାନ୍ୟ ସରକାରୀ ସୁବିଧାରୁ ବଚିଂତ ରହିଛନ୍ତି। ବର୍ତ୍ତମାନ ସେ କେବଳ ସରକାରଙ୍କ ପକ୍ଷରୁ ମିଳୁଥିବା ୫ କେଜି ମାଗଣା ଚାଉଳରେ ନିର୍ଭରଶୀଳ ଥିବା କଥା କହିଛନ୍ତି।ଅଭିଯୋଗ ଅନୁଯାୟୀ, ସୁକଲ ହରିଜନ ଓ ତାଙ୍କ ସ୍ୱାମୀ ଜରିପାଲ ତଳେ ଜୀବନଯାପନ କରୁଛନ୍ତି। ପରିବାରରେ କେବଳ ଦୁଇଜଣ ଥିବା ବେଳେ ସ୍ୱାମୀ ଦିନମଜୁରି କରି ପରିବାରକୁ ପ୍ରତିପୋଷଣ କରୁଛନ୍ତି। ଦୀର୍ଘଦିନ ଧରି ଆର୍ଥିକ ଅନଟନ ମଧ୍ୟରେ ଜୀବନ ବିତାଉଥିଲେ ମଧ୍ୟ ଯୋଗ୍ୟ ହୋଇଥିବା ସତ୍ତ୍ୱେ ସରକାରୀ ସହାୟତା ନ ମିଳିବାକୁ ସେ ଦୁଃଖ ପ୍ରକାଶ କରିଛନ୍ତି। ସ୍ଥାନୀୟ ଗ୍ରାମବାସୀମାନଙ୍କ କହିବା ଅନୁଯାୟୀ, ସୁକଲଙ୍କ ପାଖରେ ବୈଧ ଭିନ୍ନକ୍ଷମ ପ୍ରମାଣପତ୍ର ଥିଲେ ମଧ୍ୟ ସେ ଭତ୍ତା ଓ ଅନ୍ୟାନ୍ୟ ସରକାରୀ ସହାୟତାରୁ ବଚିଂତ ରହିଛନ୍ତି। ଫଳରେ ତାଙ୍କ ଦୈନିକ ଜୀବନଯାପନରେ ଅନେକ ସମସ୍ୟା ସୃଷ୍ଟି ହୋଇଛି। ଏନେଇ ଗ୍ରାମବାସୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରଶାସନଙ୍କ ତତ୍କାଳ ହସ୍ତକ୍ଷେପ ଦାବି କରିଛନ୍ତି। ଘଟଣାର ଯାଚଂ କରି ସୁକଲ ହରିଜନଙ୍କୁ ଯୋଗ୍ୟତା ଅନୁଯାୟୀ ଭିନ୍ନକ୍ଷମ ଭତ୍ତା, ଆବାସ ଯୋଜନା ଓ ଅନ୍ୟାନ୍ୟ ସରକାରୀ ସୁବିଧା ଶୀଘ୍ର ପ୍ରଦାନ କରିବାକୁ ଦାବି ଜୋରଦାର ହୋଇଛି।

# ବଲାଙ୍ଗିର ଜିଲ୍ଲାସ୍ତରୀୟ ପ୍ରଶ୍ନୋତର ପ୍ରତିଯୋଗିତା: ଚିତ୍ରାଙ୍କନରେ ସ୍ୱୀକୃତି ଓ ପ୍ରଶ୍ନୋତରରେ ଆୟୁଷ ପ୍ରଥମ

ବଲାଙ୍ଗିର,୧୪/୭(ନି/ପ୍ର): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ଅବସରରେ ‘ଲୋକସେବକ ମଣ୍ଡଳ’ ଓ ଦୈନିକ ଶତାୟୁ ଖବରକାଗଜ ’ସମାଜ’ ପକ୍ଷରୁ ବଲାଙ୍ଗିର ଜିଲା ସାମ୍ବାଦିକ ଭବନରେ ଜିଲାସ୍ତରୀୟ ପ୍ରଶ୍ନୋତର ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି ଓ ପ୍ରତିଯୋଗୀତାରେ ଜିଲାର ବଲାଙ୍ଗିର, ପୁଇଁନ୍ତଲା, ଲୋଇସିଂହା, ଆଗଲପୁର, ଦେଓଗାଁ, ଗୁଡଭେଲା, ସଇଁନ୍ତଲା, ଟିଟିଲାଗଡ଼, ପାଟଣାଗଡ, ବେଲପଡ଼ା, ତୁରେକେଲା ଓ ଖପ୍ରାଖୋଲ ବ୍ଲକରୁ ଗତ ୫ ତାରିଖ ଅନୁଷ୍ଠିତ ହୋଇଥିବା ବ୍ଲକସ୍ତରୀୟ ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ ଓ ଜିଲ୍ଲାସ୍ତରୀୟ ପ୍ରଶ୍ନୋତର ପ୍ରତିଯୋଗିତାରେ ଖପ୍ରାଖୋଲ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ର ଆୟୁଷ କୁମାର କାଲସାଏ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଓ ସେହିପରି ବଲାଙ୍ଗିର କଡମପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଅର୍ପିତା ପ୍ରିୟଦର୍ଶିନୀ ମିଶ୍ର ଦ୍ୱିତୀୟ ଓ ଲୋଇସିଂହା ବ୍ଲକ ହୀରାପୁର ରାଧାକୃଷ୍ଣ ହାଇସ୍କୁଲ ଛାତ୍ରୀ ଜୟାରାଣୀ ନାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ସାଲେଟିକ୍ରାର ୨୦ରୁ ଅଧିକ ବିଜେଡି ଯୁବ କର୍ମୀ ବିଜେପିରେ ସାମିଲ୍

ଝାରସୁଗୁଡ଼ା,୧୪/୭(ନି/ପ୍ର): ଝାରସୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ସାଲେଟିକ୍ରା ଗ୍ରାମର ୨୦ରୁ ଅଧିକ ବିଜେଡିର ଯୁବ କର୍ମୀ ଓ ନେତା ରବିବାର ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗଦେଇଛନ୍ତି। ଝାରସୁଗୁଡ଼ା ବିଜେପି ବିଟିଏମ୍ କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଉପସ୍ଥିତିରେ ସେମାନେ ପଦ୍ମ ଶିବିରରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମୀଣ ମଣ୍ଡଳ ସଭାପତି ହେମରଞ୍ଜନ ସିଂଙ୍କ ସମେତ କ୍ରିଷ୍ଣା ମୁରାରି, ଚମ୍ପୁ ରକ୍ସା ଓ ରୋହିତ ପଟେଲ ପ୍ରମୁଖ ଉପସ୍ଥିତ ରହି ନୂତନ କର୍ମୀମାନଙ୍କୁ ଦଳୀୟ ଉତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ବିଜେପିରେ ଯୋଗଦେଇଥିବା ପ୍ରମୁଖ ଯୁବକମାନଙ୍କ ମଧ୍ୟରେ ଗୋଲକ୍ଚନ୍ଦ୍ର ପଟେଲ, ଆକାଶ ପଟେଲ, ଦିନେଶ ପଟେଲ, ଅମିତ ପଟେଲ, ନିର୍ମଳ, ଓମ୍ ଧୁରୁଆ, ମାଖୁନୁ, ଘନଶ୍ୟାମ, ଅଜିତ ପଟେଲ, ସଞ୍ଜୟ ରୋହିଦାସ, ପିୟୁଷ ପଟେଲ ଓ ରୋହିତ କୁମାର ନାଏକ ପ୍ରମୁଖ ସାମିଲ ଅଛନ୍ତି।

# ରାଇଘରରେ ସାମ୍ବାଦିକ ପରିଚୟ ଦେଇ ଚାନ୍ଦା ଆଦାୟ ଅଭିଯୋଗ

## ପ୍ରକୃତ ସାମ୍ବାଦିକଙ୍କ ଛବି ଉପରେ ପଡୁଛି ପ୍ରଭାବ, ପ୍ରଶାସନୀୟ ତଦନ୍ତ ଦାବି

ରାଇଘର,୧୪/୭(ନି/ପ୍ର): ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ କିଛି ବ୍ୟକ୍ତି ନିଜକୁ ସାମ୍ବାଦିକ ବୋଲି ପରିଚୟ ଦେଇ ବିଭିନ୍ନ ବ୍ୟବସାୟୀ, ଦୋକାନୀ ଓ ସାଧାରଣ ଲୋକଙ୍କଠାରୁ ଚାନ୍ଦା ଆଦାୟ କରୁଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଚଂଳରେ ଚର୍ଚ୍ଚା ବଢ଼ିଥିବାବେଳେ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଓ ଚିନ୍ତା ମଧ୍ୟ ପ୍ରକାଶ ପାଉଛି। ସ୍ଥାନୀୟ ସୂତ୍ରରୁ ପ୍ରକାଶ, କିଛି ଅସାମାଜିକ ବ୍ୟକ୍ତି ସାମ୍ବାଦିକ ପରିଚୟର ଅପବ୍ୟବହାର କରି ବିଭିନ୍ନ ସ୍ଥାନକୁ ଯାଇ ଲୋକଙ୍କୁ ଭୟଭୀତ କରିବା ସହ ଟଙ୍କା ଦେବା ପାଇଁ ଚାପ ସୃଷ୍ଟି କରୁଛନ୍ତି। କେତେକ ଘଟଣାରେ ସେମାନେ ‘ଖବର ପ୍ରକାଶ’ କରିବାର ଭୟ ଦେଖାଇ ଅର୍ଥ ଆଦାୟ କରିବାକୁ ମଧ୍ୟ ଚେଷ୍ଟା କରୁଥିବା ଅଭିଯୋଗ ହେଉଛି। ଏପରି କାର୍ଯ୍ୟକଳାପ ଯୋଗୁଁ ପ୍ରକୃତ ସାମ୍ବାଦିକମାନଙ୍କ ଛବି ଉପରେ ଖରାପ ପ୍ରଭାବ ପଡୁଥିବା ବୋଲି ସାମ୍ବାଦିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକୃତ ସାମ୍ବାଦିକମାନେ ସମାଜର ସମସ୍ୟାକୁ ଲୋକଲୋଚନକୁ ଆଣିବା ଓ ଜନସାଧାରଣଙ୍କ ସ୍ୱରକୁ ପ୍ରଶାସନ ପର୍ଯ୍ୟନ୍ତ ପହଚାଂଇବାରେ ଲାଗିଥିବା ବେଳେ, କିଛି ଅସାଧୁ ବ୍ୟକ୍ତିଙ୍କ ଏପରି ଆଚରଣ ସମଗ୍ର ସାମ୍ବାଦିକ ସମାଜକୁ ବଦନାମ କରୁଥିବା ମତ ପ୍ରକାଶ ପାଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ କହିଛନ୍ତି, ଯେଉଁମାନେ ପ୍ରକୃତରେ କୌଣସି ଗଣମାଧ୍ୟମ ସହିତ ଜଡ଼ିତ ନୁହନ୍ତି ସେମାନେ ସାମ୍ବାଦିକ ପରିଚୟ ଦେଇ ସମାଜରେ ଭ୍ରମ ସୃଷ୍ଟି କରୁଛନ୍ତି। ତେଣୁ ଏପରି ବ୍ୟକ୍ତିଙ୍କ ବିରୋଧରେ କଡ଼ା ଆଇନଗତ ପଦକ୍ଷେପ ନିଆଯିବା ଆବଶ୍ୟକ। ଯଦି ଏହିପରି ଘଟଣା ଉପରେ ସମୟମଧ୍ୟରେ ଅଙ୍କୁଶ ନ ଲାଗିଲେ, ସାଧାରଣ ଲୋକଙ୍କ ବିଶ୍ୱାସ ଗଣମାଧ୍ୟମ ଉପରୁ କମିଯିବାର ଆଶଙ୍କା ରହିଛି ବୋଲି ମତ ପ୍ରକାଶ ପାଉଛି। ଏହି ପରିପ୍ରେକ୍ଷିତରେ ସଚେତନ ନାଗରିକମାନେ ପ୍ରଶାସନଙ୍କୁ ନିରପେକ୍ଷ ତଦନ୍ତ କରି ପ୍ରକୃତ ଦୋଷୀଙ୍କୁ ଚିହ୍ନଟ କରିବା ସହ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ସେହିପରି ସାଧାରଣ ଲୋକଙ୍କୁ ମଧ୍ୟ ଅନୁରୋଧ କରାଯାଇଛି ଯେ, କେହି ସାମ୍ବାଦିକ ପରିଚୟ ଦେଲେ ତାଙ୍କର ପରିଚୟପତ୍ର ଯାଚଂ କରନ୍ତୁ ଏବଂ କୌଣସି ଅବୈଧ ଅର୍ଥ ଦାବି ହେଲେ ତୁରନ୍ତ ସ୍ଥାନୀୟ ପୁଲିସ କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାନ୍ତୁ।

# ଧରାପଡ଼ିଲା ମଦ ଦୋକାନ ଲୁଟେରା ଗ୍ୟାଙ୍ଗ, ୪ ଗିରଫ






ବ୍ରଜରାଜନଗର,୧୪/୭(ନି/ପ୍ର):କେବଳ ବିଦେଶୀ ମଦ ଦୋକାନକୁ ଲୁଟ କରୁଥିବା ଏକ ଅନ୍ତଃଜିଲ୍ଲା ଲୁଟେରା ଗ୍ୟାଙ୍ଗକୁ ଝାରସୁଗୁଡ଼ା ପୁଲିସ ଧରିବାରେ ସଫଳ ହୋଇଛି। ଓରିଏଟଂ ଓ ବାନହରପାଲି ଥାନା ଅଚଂଳରେ ଘଟିଥିବା ୨ଟି ଲୁଟ୍ ଘଟଣାରେ ଏହି ଗ୍ୟାଙ୍ଗ୍ ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇଛି। ଅନ୍ୟ ଅପରାଧିକ ପୃଷ୍ଠଭୂମିର ଖୋଳତାଡ଼ ଚାଲିଛି। ଗିରଫ ହୋଇଥିବା ୪ ପେଷାଦାର ଅପରାଧୀଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାର କୁଟିନାଡ଼ା ଥାନା ପଢାଳ ଗ୍ରାମର ପ୍ରଶାନ୍ତ ବେହେରା(୨୪), ରାମାପୋଲି ଗ୍ରାମର କିଶନ ପଣ୍ଡି(୨୨), ବୁଗୁଡ଼ା ଥାନା ବାଲିପଦର ଗ୍ରାମର ନାରାୟଣ ଜେନା (୨୫) ଓ ବୁଗୁଡ଼ା ଥାନା ଆରଖପୁରଗ୍ରାମର ଚିତ୍ରସେନ ଜେନା (୨୩)। ସେମାନଙ୍କ ଠାରୁ ନଗଦ ୩୫,୭୦୦ ଟଙ୍କା, ଅପରାଧରେ ବ୍ୟବହୃତ ମହିନ୍ଦ୍ରା ବୋଲେରୋ ( ଓଆର ୦୫ ଏସି ୯୮୮୮) ଜବତ କରାଯାଇଛି। ଏହାସହ ୨ଟି ଶାବଳ, ଗୋଟିଏ ଡିଭିଆର, ୩ଟି ମୋବାଇଲ ମଧ୍ୟ ଜବତ ହୋଇଛି। ଆଜି ଧରପଗଡ଼ ସମ୍ପର୍କରେ ଝାରସୁଗୁଡା ଏସ୍ ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି, ଜୁଲାଇ ୮ତାରିଖ ରାତିରେ ଓରିଏଟଂ ଏବଂ ବନହରପାଲି ଥାନା ଅଚଂଳରେ ଥିବା ବିଦେଶୀ ମଦ ଦୋକାନରେ ଚୋରି ହୋଇଥିଲା। ଓରିଏଟଂ ଥାନା ଅଚଂଳରେ ଅଭିଯୁକ୍ତମାନେ ନାଇଟ୍ ୱାଚମ୍ୟାନଙ୍କୁ ଆକ୍ରମଣ କରି ହାତ ଗୋଡ଼ ବାନ୍ଧିଦେଇଥିଲେ। ତାଙ୍କ ମୋବାଇଲ ଭାଙ୍ଗି ଦେଇ ନଗଦ ଟଙ୍କା ଓ ମଦ ବୋତଲ ନେଇ ଫେରାର ହୋଇଯାଇଥିଲେ। ଏହି ସମ୍ପର୍କରେ ୯ ତାରିଖ ରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିଲା।ଅପରାଧିଙ୍କଙ୍କ ଧରିବାକୁ ଏକାଧିକ ସ୍ୱେଶାଲ ଟିମ୍ ଗଠନ କରାଯାଇଥିଲା। ଗଜପତି ଓ ବ୍ରହ୍ମପୁର କୁ ଟିମ୍ ପଠାଯିବା ସହ ଝାରସୁଗୁଡ଼ାରେ ସିସିଟିଭି ଯାଚଂ,ଟେକନିକାଲ ସର୍ଭେଲାନ୍ସ ଓ ଗୁପ୍ତଚର ତଥ୍ୟ ସଂଗ୍ରହ କରାଯାଇଥିଲା। ଅନ୍ତଃଜିଲ୍ଲା ସମନ୍ୱୟ ଓ ବୈଜ୍ଞାନିକ ତଦନ୍ତ ମାଧ୍ୟମରେ ପୂରା ଗ୍ୟାଙ୍ଗକୁ ଚିହ୍ନଟ କରି ୫୦ ଘଟାଂ ମଧ୍ୟରେ ଗିରଫ କରାଯାଇଛି। ଏସ୍ପି କହିଛନ୍ତି, ଗଞ୍ଜାମ ଜିଲ୍ଲାର ପ୍ରଶାନ୍ତ ବେହେରା ଏହି ଗ୍ୟାଙ୍ଗର ମୁଖ୍ୟ ଷଡ଼ଯନ୍ତ୍ରକାରୀ। ପ୍ରଶାନ୍ତର ମାଉସୀ ଓରିଏଟଂ ଥାନା ଅଚଂଳରେ ରହୁଥିବାରୁ ସେ ସେହି ଅଚଂଳ ସହ ପରିଚିତ ଥିଲେ। ସେ ସୁରଟରେ କାମ କରିବା ସମୟରେ ଜଣାଶୁଣା କିଶନ ପଣ୍ଡି, ନାରାୟଣ ଜେନା ଏବଂ ଚିତ୍ରସେନ ଜେନାଙ୍କୁ ନିଜ ଟିମରେ ସାମିଲ କରିଥିଲେ। ଅଭିଯୁକ୍ତମାନେ ଗଜପତି ଜିଲ୍ଲାର ଜଣେ ବ୍ୟକ୍ତିଙ୍କଠାରୁ ବ୍ରହ୍ମପୁରରୁ ଏକ ମହିନ୍ଦ୍ରା ବୋଲେରୋ ଭଡ଼ାରେ ଆଣି ଝାରସୁଗୁଡ଼ା ଆସିଥିଲେ। ଅନେକ ମଦ ଦୋକାନର ରେକି କରି ବାନହରପାଲି ଓ ଓରିଏଟଂ ଥାନା ଅଚଂଳର ଦୋକାନରେ ଚୋରି କରି ପଳାଇଥିଲେ। ଯାଚଂରୁ ଜଣାପଡ଼ିଛି ଯେ ଚାରି ଜଣ ଯାକ ଅଭ୍ୟସ୍ତ ଅପରାଧୀ ଏବଂ ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା ଓ ଭୁବନେଶ୍ୱରେ ମଧ୍ୟ ବହୁ ଚୋରି ମାମଲାରେ ସମ୍ପୃକ୍ତ ଅଛନ୍ତି। ଝାରସୁଗୁଡ଼ା ପୋଲିସ କହିଛି ଯେ ଏହି ଗ୍ୟାଙ୍ଗକୁ ଧରିବା ଦ୍ୱାରା ଆଗାମୀ ଦିନରେ ଘଟିପାରୁଥିବା ଅନେକ ଚୋରି ରୋକାଯାଇପାରିଛି। ଅଭିଯୁକ୍ତମାନଙ୍କର ଓଡ଼ିଶା ଓ ପଡ଼ୋଶୀ ରାଜ୍ୟରେ ହୋଇଥିବା ଅନ୍ୟ ଚୋରି ମାମଲାରେ ସମ୍ପୃକ୍ତି ଅଛି କି ନାହିଁ ସେ ନେଇ ଆଗକୁ ତଦନ୍ତ ଜାରି ରହିଛି।

# ଦେବେନ୍ଦ୍ର ପ୍ରଧାନଙ୍କ ଅକାଳ ବିୟୋଗ ସମ୍ବଲପୁର ପାଇଁ ଏକ ଅପୂରଣୀୟ କ୍ଷତି

ସମ୍ବଲପୁର,୧୪/୭(ନି/ପ୍ର) :ପଶ୍ଚିମ ଓଡିଶା କୃଷକ ସଂଗଠନର ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଜେପି କୃଷକ ମୋର୍ଚ୍ଚାର ଜିଲ୍ଲା ସଭାପତି ଦେବେନ୍ଦ୍ର ପ୍ରଧାନଙ୍କର ଏକ ସଡ଼କ ଦୁର୍ଘଟଣାରେ ଦୁଃଖଦ ପରଲୋକ ହୋଇଯାଇଛି। ସୋନପୁରରୁ ବିନିକା ଦେଇ ସମ୍ବଲପୁର ଆସୁଥିବା ସମୟରେ ବିନିକା ପାଖରେ ହିଁ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଆଜି ସକାଳେ ତାଙ୍କର ନିଜ ଗାଁ ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ତବଲା ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ତାଙ୍କର ଶେଷ ଦର୍ଶନ ପାଇଁ ରାଜ୍ୟ ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ତାଙ୍କ ଘରେ ପହଂଚିଥିଲେ। ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନ ଜଣେ ସଚ୍ଚୋଟ, ନିଷ୍ଠାବାନ, ନିସ୍ୱାର୍ଥପର ବ୍ୟକ୍ତି ଥିଲେ କ୍ଷ ଜଣେ ସ୍ପଷ୍ଟବାଦୀ ମଣିଷ ଭାବରେ ସେ ସମ୍ବଲପୁର ରେ ସର୍ବତ୍ର ପରିଚିତ ଥିଲେ। ତାଙ୍କର ବିୟୋଗରେ ସମ୍ବଲପୁର ଜିଲ୍ଲାର ଅପୂରଣୀୟ କ୍ଷତି ହୋଇଛି ବୋଲି ସମ୍ବଲପୁର ବିଜେପିର ବରିଷ୍ଠ ନେତା ସୂର୍ଯ୍ୟ ପାଣିଗ୍ରାହୀ, ଦେଓକିରଣ ପଟ୍ଟନାୟକ, ସରୋଜ ସାହୁ, ଶ୍ରୀକାନ୍ତ ପାଣିଗ୍ରାହୀ, ଡାକ୍ତର ପ୍ରଭାସ ଦେବତା, ମୁକେଶ ଜରିୱାଲ ଓ ନରେଶ ବର୍ମା ପ୍ରମୁଖ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି। ବିଜେପି ନେତୃବୃନ୍ଦ କହିଛନ୍ତି ଯେ, ସାଥି ଦେବେନ୍ଦ୍ର ଅନେକ ଦିନରୁ ବିଜେପି ଦଳ ଜଡିତ ହୋଇ ଡାକ୍ତର ଦେବେନ୍ଦ୍ର ପ୍ରଧାନ, ରବି ନାରାୟଣ ନାଏକ, ଧର୍ମେନ୍ଦ୍ର ପ୍ରଧାନ, ସୁରେଶ ପୂଜାରୀଙ୍କ ପାଇଁ ନିରନ୍ତର ଭାବେ ନିର୍ବାଚନ ସମୟରେ କାର୍ଯ୍ୟ କରିଆସିଛନ୍ତି।

# ଦୀପାଳି ଦାସଙ୍କ ବିରୋଧରେ ଏଆଇ ମାଧ୍ୟମରେ ଅପପ୍ରଚାର ଅଭିଯୋଗ

## ବିଜୁ ମହିଳା ଜନତା ଦଳ ପକ୍ଷରୁ ଏଫଆଇଆର



ଝାରସୁଗୁଡ଼ା,୧୪/୭(ନି/ପ୍ର): ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କୁ ଏ ଆଇ ମାଧ୍ୟମରେ ସୋସିଆଲ ମିଡିଆରେ ବଦନାମ ଓ ସାଇବର ନିର୍ଯାତନା ଦିଆଯାଉଥିବା ନେଇ ଏକ ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। ଏହି ଘଟଣାକୁ ନେଇ ବିଜୁ ମହିଳା ଜନତା ଦଳ(ବିଏମଜେଡ଼ି) ପକ୍ଷରୁ ଝାରସୁଗୁଡ଼ା ଟାଉନ ଥାନାରେ ଏକ ଲିଖିତ ଏଫ୍ଆଇଆର୍ ରବିବାର ଦାୟର କରାଯାଇଛି। ବିଜୁ ଜନତା ଦଳର ଜିଲ୍ଲା ସଭାନେତ୍ରୀ ଜୟନ୍ତୀ ବାହୁକଙ୍କ ନେତୃତ୍ୱରେ ଏହି ଦାବିପତ୍ର ଟାଉନ ପୋଲିସକୁ ପ୍ରଦାନ କରାଯାଇଛି।ଅଭିଯୋଗ ଅନୁଯାୟୀ, କିଛି ଅସାମାଜିକ ବ୍ୟକ୍ତି ନିଜ ଫେସବୁକ୍ ପେଜ୍ ମାଧ୍ୟମରେ ଝାରସୁଗୁଡାର ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ଚରିତ୍ର ସଂହାର କରିବା ପାଇଁ କୃତ୍ରିମ ବୁଦ୍ଧିମତା ବା ଏଆଇ ବ୍ୟବହାର କରି ବିଭିନ୍ନ ବିକୃତ ଫଟୋ ଓ ମିଥ୍ୟା ଭିଡିଓ ପ୍ରସ୍ତୁତ କରି ସେଗୁଡ଼ିକୁ ଭାଇରାଲ କରୁଛନ୍ତି। ଏହାସହ ଅଶ୍ଳୀଳ ଏବଂ ଆପତିଜନକ ମନ୍ତବ୍ୟ ଦେଇ ତାଙ୍କ ସମ୍ମାନହାନି କରାଯାଉଛି। ଏହି କାର୍ଯ୍ୟ କେବଳ ଜଣେ ନାରୀର ମର୍ଯ୍ୟାଦା ଉପରେ ଆଘାତ ନୁହେଁ, ବରଂ ଡିଜିଟାଲ ପ୍ଲାଟଫର୍ମରେ ମହିଳାମାନଙ୍କ ସୁରକ୍ଷା ପ୍ରତି ଏକ ବଡ଼ ବିପଦ ବୋଲି ମହିଳା ମୋର୍ଚ୍ଚା ପ୍ରକାଶ କରିଛି। ଏହି ଅପପ୍ରଚାରରେ ସୁଜିତ ସାହୁ, ଜେଠୁ ନେଟି, ପୁରୁଷୋତ୍ତମ ଦାସଙ୍କ ସମେତ ମୋର ନଜର ଝାରସୁଗୁଡ଼ା ଥି ନାମକ ଫେସବୁକ୍ ପେଜ୍ ଏବଂ ଏନକେ ଏନକେ ଭଳି କିଛି ନକଲି ଆକାଉଟଂ ସାମିଲ ଥିବା ନେଇ ପତ୍ରରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ପ୍ରମାଣ ସ୍ୱରୂପ ପୋଲିସକୁ ସମସ୍ତ ସ୍କ୍ରିନସଟ୍ ଓ ଭିଡିଓ ଥିବା ଏକ ପେନ୍ ଡ୍ରାଇଭ୍ ମଧ୍ୟ ହସ୍ତାନ୍ତର କରାଯାଇଛି। ମହିଳା ବିଜେଡି ପକ୍ଷରୁ ଏହି ଘଟଣାରେ ସାମିଲ ଥିବା ସମସ୍ତ ଦୋଷୀଙ୍କ ବିରୋଧରେ ତୁରନ୍ତ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏହିଅଭିଯୋଗ ପତ୍ରର ଏକକିତା ନକଲ ଝାରସୁଗୁଡ଼ା ଏସପି ଏବଂ ସମ୍ବଲପୁର ଡିଆଇଜିଙ୍କୁ ମଧ୍ୟ ଅବଗତି ଓ ଆବଶ୍ୟକ ପଦକ୍ଷେପ ପାଇଁ ପ୍ରେରଣ କରାଯାଇଛି। ଏହି ଏଫଆଇଆର ଦେବା ସମୟରେ ଜିଲ୍ଲା ବିଜେଡି ମହିଳା ସଭାପତି ଜୟନ୍ତୀ ବାହୁକ, କାର୍ଯ୍ୟକାରୀ କମିଟି ସଦସ୍ୟା ବି. ନାଗେଶ୍ୱରୀ, କାଉନସିଲର ନବନୀତ କୌର, ଟାଉନ ମହିଳା ବିଜୁ ଜନତା ଦଳର ଜ୍ୟୋତି ସୁନାର, ରୁବିନା ଖାନ, ଦୀପା ନାୟକ, ପଦ୍ମିନୀ ସିଂ, ଶୈଳ ମଲ୍ଲିକ, କଳ୍ପନା ସିଂ, କିରଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ

ଭୁବନେଶ୍ୱର,୧୪/୭(ନି/ପ୍ର) :ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ବଲାଙ୍ଗୀର ଜିଲ୍ଲା ପୁଇଁତଲା ବ୍ଲକର ସାଉନ୍ତପୁରଠାରେ ଆୟୋଜିତ ‘ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ’ କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଯୋଗଦେଇଛନ୍ତି। ଏହି ଅବସରରେ ସେ ପୁଇଁତଲା ବ୍ଲକର ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି ଯେ, ରାଷ୍ଟ୍ର ନିର୍ମାଣ ଏବଂ ଛାତ୍ର ସମାଜକୁ ସଠିକ୍ ଦିଗଦର୍ଶନ ଦେବାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଛାତ୍ରଛାତ୍ରୀଙ୍କ ବ୍ୟାବହାରିକ ଜ୍ଞାନର ବିକାଶ ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ଜାତୀୟ ଶିକ୍ଷା ନୀତି ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ସେ ଉଲ୍ଲେଖ କରିଛନ୍ତି।




# ରଥଯାତ୍ରାକୁ ନେଇ ରାଉରକେଲା ପୁଲିସ ମୁଖ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ



ରାଉରକେଲା,୧୪/୭(ନି/ପ୍ର): ସହରର ରଥଯାତ୍ରାକୁ ନେଇ ଆଜି ରାଉରକେଲା ପୋଲିସ୍ ମୁଖ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମାଂଚଳ ଆରକ୍ଷୀ ଉପ-ମହାନିରୀକ୍ଷକ ବ୍ରିଜେଶ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଦିନାଃ ଦସ୍ତଗିର, ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ, ରାଉରକେଲା ବନ ବିଭାଗ ଡିଏଫଓ ରବି ମୀନା, ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ, ରାଉରକେଲା ଅତିରିକ୍ତ ଏସପି ପ୍ରମୁଖ ଉପସ୍ଥିତ ଥିଲେ। ରାଉରକେଲା ସହର ସମେତ ଇସ୍ପାତ ସହରାଂଚଳରେ ବିଭିନ୍ନ ସ୍ଥାନରେ ଥିବା ଶ୍ରୀଜଗନ୍ନାଥଙ୍କ ମନ୍ଦିରର ରଥଯାତ୍ରା କମିଟିର ଅଧିକାରୀମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ରଥଯାତ୍ରା କମିଟିର ଅଧିକାରୀମାନେ ପ୍ରଶାସନକୁ ରଥଯାତ୍ରା ସମ୍ପର୍କରେ ନିଜର ପରାମର୍ଶ ଉପରେ କମିଟିର ଅଧିକାରୀମାନେ କହିଥିଲେ ଯେ ସହରର ମୁଖ୍ୟ ରାସ୍ତା ଉପରେ ଯାଇଥିବା ବିଦ୍ୟୁତ୍ ଲାଇନ୍ ତାର ସମେତ କେବୁଲ ତାର, ଟ୍ରାଫିକ୍ ସମସ୍ୟା, ମୁଖ୍ୟ ରାସ୍ତାରେ ସଫାସୁତୁରା, ରିଙ୍ଗ୍ ରୋଡରେ ଗଛ ଓ ଡାଳ କାଟିବା, ଟ୍ରାଫିକ୍ ନିୟନ୍ତ୍ରଣ, ରଥଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥାକୁ ବଜାୟ ରଖିବା ସହ ପୋଲିସ କର୍ମଚାରୀ ନିୟୋଜିତ, ପାଣି ବ୍ୟବସ୍ଥା, ବିଦ୍ୟୁତ୍ ବ୍ୟବସ୍ଥା, ସାନିଟାଇଜର ବ୍ୟବସ୍ଥା, ରାସ୍ତାରେ ଥିବା ଗର୍ତ୍ତ ପୂରଣ ଏବଂ ମରାମତି, ଇସ୍ପାତ ସହର ଅଚଂଳର ରାସ୍ତା ପାର୍ଶ୍ୱରେ ଗଛ ଡାଳ କାଟିବା, ପକେଟମାର ପ୍ରତି ପୋଲିସ ପ୍ରଶାସନ ପକ୍ଷରୁ ବିଶେଷ ଧ୍ୟାନ ଦିଆଯିବା, ରଥଯାତ୍ରା ସମୟରେ ସେକ୍ଟର-୩ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ସେକ୍ଟର-୫ ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ନେଇ ଆଲୋଚନା କରାଯାଇଥିଲା। ମାଉସୀ ମା ମନ୍ଦିର ସମେତ ବିଭିନ୍ନ ମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଆଲୋଚନା କରାଯାଇଥିଲା। ରାଉରକେଲା ଇସ୍ପାତ ସହରର ରଥଯାତ୍ରାରେ ରଥ ବାହାର କରାଯିବ, ଯେଉଁଥିରେ ରାଉରକେଲା ଇସ୍ପାତ ସହରାଂଚଳର ବିଭିନ୍ନ ସେକ୍ଟର ସମେତ ଝିରପାଣି, କୋଏଲନଗର, ପାନପୋଷ, ହନୁମାନ ବାଟିକା, ପ୍ଲାଂଟସାଇଟ୍ ରୋଡ, ଛେଣ୍ଡ କଲୋନୀ, ବାସନ୍ତୀ କଲୋନୀ, ରେଲୱେ କଲୋନୀ ସହ ଅନ୍ୟାନ୍ୟ ଅଚଂଳର ରଥଯାତ୍ରା ଏବଂ ଶ୍ରୀଜଗନ୍ନାଥ ମନ୍ଦିର କମିଟିର ପଦାଧିକାରୀଙ୍କ କଥା ଶୁଣିବା ପରେ, ରାଉରକେଲା ଆରକ୍ଷୀ ଅଧିକ୍ଷକ, ପଶ୍ଚିମାଂଚଳ ଡିଆଇଜିଙ୍କ ସମେତ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ସେମାନଙ୍କର ସମସ୍ୟାର ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ବିଶେଷକରି ସେକ୍ଟର ଅଚଂଳରେ, ରାଉରକେଲା ଇସ୍ପାତ କାରଖାନା ଅଧିକାରୀଙ୍କୁ ପଚାରି ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ କରାଯିବ। ଗଛ ଡାଳ କାଟିବା ପାଇଁ, ରାଉରକେଲା ଡିଏଫଓଙ୍କ ସହିତ ବନ କର୍ମଚାରୀମାନଙ୍କୁ ତାଙ୍କ ସ୍ତରରେ ଏହି ସମସ୍ୟାର ଶୀଘ୍ର ସମାଧାନ କରିବାକୁ ଏହି ବୈଠକରେ କୁହାଯାଇଥିଲା।

# ଟ୍ରେଲର ଧକ୍କାରେ ମହିଳା ମୃତ ଏବଂ ଯୁବକ ଗୁରୁତର



ରାଉରକେଲା,୧୪/୭(ନି/ପ୍ର): ଆଜି ସକାଳେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ସ-ମିଲ ଛକରେ ଏକ ସଡକ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହେବା ସହିତ ଜଣେ ଯୁବକ ଗୁରୁତର ଆହତ ଅବସ୍ଥାରେ ଚିକିତ୍ସା ପାଇଁ ରାଉରକେଲା ସରକାରୀରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ ଆଜି ସକାଳ ୭ଟା ୫୦ ମିନିଟ ସମୟରେ ଏହି ଦୁଃଖଦ ଘଟଣା ଘଟିଥିଲା। ସୁନ୍ଦରଗଡ ଉସରାରୁ ମୋଟରସାଇକେଲ ଯୋଗେ ମହାବୀର ଫେରୋରେ ହେଲଫର ଭାବେ କାମ କରୁଥିବା ବିଶାଲ ଦେହୁରୀ (୨୪ ବର୍ଷ) ଏବଂ ଆଇଏଫଜିଏଲରେ କାମ କରୁଥିବା ମଞ୍ଜୁଲତା ରାଉତ (୪୪ ବର୍ଷ) କାର୍ଯ୍ୟକ୍ଷେତ୍ରକୁ ଯାଉଥିବା ସମୟରେ, ରାଉରକେଲାରୁ ସମ୍ବଲପୁର ଯାଉଥିବା ବିଜୁ ଏକ୍ସପ୍ରେସ୍ ୱେ ସ-ମିଲ ଛକ ଠାରେ ଏକ ୧୮ଚକିଆ ଟ୍ରକ୍ (ପଞ୍ଜିକରଣ ନମ୍ବର ଓଡି ୦୯ଭି ୧୮୧୧) ସେମାନଙ୍କ ଉପରେ ଚଢ଼ି ଯାଇଥିଲା। ଘଟଣା ସ୍ଥଳରେ ମହିଳାଙ୍କ ମୃତ୍ୟୁ ହୋଇଯାଇଥିଲା ବେଳେ, ମୋଟରସାଇକେଲ ଚଳାଉଥିବା ବିଶାଲ ଦେହୁରୀ (୨୪) ଛିଟିକି ପଡ଼ି ଗୁରୁତର ଭାବେ ଆହତ ହୋଇଥିଲେ। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ପଠାଯାଇଥିଲା। ବର୍ତ୍ତମାନ ସେ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ପାଇ ପୋଲିସ୍ ଘଟଣା ସ୍ଥଳରେ ପହଂଚି ଉତ୍ତେଜିତ ଲୋକଙ୍କୁ ବୁଝା ସୁଝା କରିବା ସହିତ ରାସ୍ତା ଅବରୋଧକୁ ହଟାଇଛନ୍ତି। ମହିଳାଙ୍କ ଶବକୁ ଜବତ୍ କରାଯିବା ସହିତ ମୋଟରସାଇକେଲ ଏବଂ ଟ୍ରେଲରକୁ ଜବତ୍ କରିଥିଲେ। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ନନ୍ଦପୁରରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର

ଜୟପୁର,୧୪/୭(ନି/ପ୍ର): କୋରାପୁଟ ଜିଲ୍ଲା ନନ୍ଦପୁର ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ପ୍ରତ୍ୟକ୍ଷ ଶୁଣାଣି କରିଥିଲେ। ସେମାନେ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୋଟ ୬୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୨ଟି ବ୍ୟକ୍ତିଗତ ଏବଂ ୪୨ଟି ସାମୂହିକ ଅଭିଯୋଗ ଥିଲା।

# ରାଉରକେଲା ପୋଲିସ୍ ଦ୍ୱାରା ୫ଟି ମୋଟର ସାଇକେଲ ଚୋରି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଗିରଫ



ରାଉରକେଲା,୧୪/୭(ନି/ପ୍ର): ପ୍ଲାଂଟସାଇଟ୍ ଥାନା ସଫଳତାର ସହ ୫ଟି ମୋଟରସାଇକେଲ୍ ଚୋରି ମାମଲାରେ ସମ୍ପୃକ୍ତ ରାଉରକେଲା ବନ୍ଧମୁଣ୍ଡା ଥାନା ଅଧୀନସ୍ଥ ବରକାନିର ଅଭିଯୁକ୍ତ ଯୋଗେନ୍ଦ୍ର କଲେଟ୍ ଓରଫ୍ ଜିତୁକୁ ଗିରଫ କରିବା ସହିତ ତାଙ୍କ ଠାରୁ ୬ଟି ମୋଟରସାଇକେଲ୍ ମଧ୍ୟ ଜବତ କରିଛି। ଅଭିଯୁକ୍ତ ରାଉରକେଲା ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଡି କ୍ୟାବିନ ବରକାନିର ଜୋଗେନ୍ଦ୍ର କଲେଟ୍ ଓରଫ୍ ଜିତୁ (୩୩) ହୋଇଥିଲା ବେଳେ ତାଙ୍କ ଠାରୁ ଗୋଟିଏ ହିରୋ ହୋଣ୍ଡା ପାସନ ପ୍ରୋ ମୋଟରସାଇକେଲ ପଞ୍ଜିକରଣ ନମ୍ବର ଡଜ-୧୪ୱାଇ-୪୪୨୨, ଗୋଟିଏ ହୋଣ୍ଡାଚ୍ଛ-୧୨୫ ଯାହାର ପଞ୍ଜିକରଣ ନମ୍ବର ଡଉ-୧୪ଡବ୍ଲୁ-୨୭୬୪, ଗୋଟିଏ ହିରୋ ଐର ଡିଲକ୍ସ ମୋଟରସାଇକେଲ ପଞ୍ଜିକରଣ ନମ୍ବର ଡଉ-୧୪ଏସ-୫୪୪୫, ଗୋଟିଏ ଆପାଚି ଜଞ୍ଜଜ ୨୦୦ ମୋଟରସାଇକେଲ ପଞ୍ଜିକରଣ ନମ୍ବର ଊଐ-୦୫ଉଘ-୮୦୦୨, ଗୋଟିଏ ଆପାଚି ୧୬୦ ମୋଟରସାଇକେଲ ପଞ୍ଜିକରଣ ନମ୍ବର ଡଉ-୧୪ଏସି-୫୪୫୨ ଏବଂ ଗୋଟିଏ ହିରୋ ହୋଣ୍ଡା ସ୍ପ୍ଲେଣ୍ଡର ମୋଟରସାଇକେଲ ପଞ୍ଜିକରଣ ନମ୍ବର ଡଜ-୧୪ୟୁ-୧୯୭୧ ଜବତ କରାଯାଇଛି। ଅଭିଯୁକ୍ତଙ୍କ ବିରୁଦ୍ଧରେ ପୂର୍ବରୁ ବନ୍ଧମୁଣ୍ଡା ଏବଂ ପ୍ଲାଂଟସାଇଟ୍ ଥାନାରେ ୫ଟି ମାମଲା ରହିଛି। ଅଭିଯୁକ୍ତଙ୍କ ବିରୋଧରେ ପ୍ଲାଂଟସାଇଟ୍ ଥାନାରେ ବିଏନ୍ଏସ୍ ଧାରା ୩୦୩(୨) ଧାରାରେ କେସ୍ ନମ୍ବର ୯୨୯ ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି।

# ସାରନଗରୀ ଶାଖାର ମାସିକ ସାରସ୍ୱତ ସମାବେଶ

ରାଉରକେଲା,୧୪/୭(ନି/ପ୍ର): ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସାରନଗରୀ ଶାଖାର ମାସିକ ସାରସ୍ୱତ ସମାବେଶରେ ସ୍ନାନ ମଣ୍ଡପରୁ ନିଳାଦ୍ରୀ ବିଜେ ଆଲୋଚନାଚକ୍ର ଓ ଭାବରେ ଭାବରେ ଶ୍ରୀଜଗନ୍ନାଥ ଶୀର୍ଷକ ଉପରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଆଇଡିଏଲ ନିକଟସ୍ଥ ଚିନ୍ମୟ ଏକାଡେମୀ ଠାରେ ଅନୁଷ୍ଠିତ ହୋଇଯାଇଛି। ଶାଖା ର କାର୍ଯ୍ୟକାରୀ ସଭାପତି ତଥା ଚିନ୍ମୟ ଏକାଡେମୀ ର ନିର୍ଦ୍ଦେଶକ ଶିକ୍ଷାବିତ ତ୍ରିନାଥ ଦାଶ ମୋହିନୀଙ୍କ ସଭାପତିତ୍ୱ ଓ ଉପସଭାପତି ସୁବାସ ଚନ୍ଦ୍ର ପାତ୍ରଙ୍କ ଆବାହକତ୍ୱ ଓ ସହ ସମ୍ପାଦିକା ଶୁଚିସ୍ମିତା ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରବୀର କୁମାର ଦୁବେ ମୁଖ୍ୟ ଅତିଥି, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତଥା କବୀ ବିଜୟିନୀ ଜେନା ବିଷୟ ବିଶେଷଜ୍ଞ ଓ ଅନ୍ୟତମ ସହ ସମ୍ପାଦିକା ଶ୍ୱେତଲିନା ଶତପଥୀ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। ଅତିଥି ମାନେ ସେମାନଙ୍କ ବକ୍ତବ୍ୟରେ ମହାପ୍ରଭୁଙ୍କ ସ୍ନାନ, ଗୋଟିପହଣ୍ଡି ଓ ଧାଡି ପହଣ୍ଡି, ପ୍ରତ୍ୟକ୍ଷ ଓ ପରୋକ୍ଷ ସ୍ନାନ, ଶ୍ରୀ ଜଗନ୍ନାଥଙ୍କ ମାନବୀୟ ଲୀଳା, ତାଙ୍କ ଲୀଳା କିପରି ରହସ୍ୟାବୃନ୍ନ, ସେ କିପରି ଆମ ପ୍ରାଣ ର ସାହିତ୍ୟ ସଂସ୍କୃତିର ମୂଳ ଆଧାର ସେ ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ। ସେହିପରି ଶୁଚିସ୍ମିତା ଙ୍କ ସଂଯୋଜନାରେ କବିତା ଆସରରେ ସର୍ବଶ୍ରୀ କରୁଣାକର ସାହୁ, ଶ୍ରୀନାଥ ଚନ୍ଦ୍ର ନାୟକ, ସୁବର୍ଣ୍ଣା ଦନ୍ନ, ଆରତୀ ବେହେରା, ସବିତା ଦାସ, ସାହିଲ ପ୍ରଧାନ, ପ୍ରମୁଖ କବିତା ପାଠ କରିଥିଲେ।

# ଟିସିଆଇ ଛକରୁ ବ୍ରାହ୍ମଣୀ ପୁରୁଣା ପୋଲ ପର୍ଯ୍ୟନ୍ତ ନିର୍ମାଣାଧୀନ ଚାରି ଲେନ୍ ରାସ୍ତା କାହା ସ୍ୱାର୍ଥରେ ?



ରାଉରକେଲା,୧୪/୭(ନି/ପ୍ର): ଜାତୀୟ ରାଜପଥ-୧୪୩ (ଏନ୍ଏଚ୍-୧୪୩) ଉପରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣ ସମୟରେ ଦେଖା ଦେଇଥିବା ଦ୍ୱନ୍ଦ ପୁଣି ଥରେ ଉଜ୍ଜିବିତ ହେବାରେ ଲାଗିଛି। ଏନ୍ଏଚ୍-୧୪୩ର ୬ ଲେନ୍ ବିଶିଷ୍ଟ ରାସ୍ତା ସହିତ ଦୁଇଟି ସେତୁକୁ ପରିଶେଷରେ ରୁପୁଟୋଲା ଦେଇ ନେବାକୁ ପଡିବା ସହ ନୂତନ ୨ଟି ସେତୁ ମଧ୍ୟ କାର୍ଯ୍ୟକ୍ଷମ ହୋଇସାରିଛି। ଏନ୍ଏଚ୍-୧୪୩ ବର୍ଦ୍ଧିତ ରାସ୍ତା ପ୍ରକଳ୍ପ ଆରମ୍ଭ ସମୟରେ ଟିସିଆଇ ଛକରୁ ପାନପୋଷ ଛକ ପ୍ରଥମ ବ୍ରାହ୍ମଣୀ ସେତୁ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ହୋଇସାରିଥିଲା। କିନ୍ତୁ ପରେ ଏନ୍ଏଚ୍-୧୪୩ ରୂପୁଟୋଲା ଦେଇ ଯିବାରୁ ୬ ଲେନ୍ ରାସ୍ତାକୁ ସେତେବେଳେ ସ୍ଥଗିତ ରଖାଯାଇଥିଲା। ପ୍ରଥମ ବ୍ରାହ୍ମଣୀ ସେତୁଟି ଦୁର୍ବଳ ହୋଇପଡିଥିବାରୁ, ପୂର୍ତ୍ତ ବିଭାଗ ପକ୍ଷରୁ ଏହାକୁ ପୁନଃରୁଦ୍ଧାର କରାଯିବା ସହିତ କାର୍ଯ୍ୟକ୍ଷମ କରାଯାଇଛି ଏବଂ ଏହା ଉପରେ ଭାରିଯାନ ଚଳାଚଳକୁ ବନ୍ଦ କରାଯାଇଛି। ପୂର୍ତ୍ତ ବିଭାଗ (ଆର୍ ଏଣ୍ଡ ବି) ପକ୍ଷରୁ ବର୍ତ୍ତମାନ ତରବରିଆ ଭାବରେ ଟିସିଆଇ ଛକରୁ ବ୍ରାହ୍ମଣୀ ସେତୁ ପର୍ଯ୍ୟନ୍ତ ୯୦୦ ମିଟରର ଚାରି ଲେନ୍ ରାସ୍ତା (ପୂର୍ବରୁ ଦୁଇ ଲେନ୍ ରାସ୍ତା ରହିଛି) ଡିଭାଡର ସହିତ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଏହି ୯୦୦ ମିଟରର ଚାରି ଲେନ୍ ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ ହେବ ୭,୩୨,୭୩୦୦୦ (୭ କୋଟି ୩୨ ଲକ୍ଷ ୭୩ ହଜାର) ଟଙ୍କା ହେବ ବୋଲି କହିଛନ୍ତି ରାଉରକେଲା ପୂର୍ତ୍ତ ବିଭାଗ (ଜ ଡ଼ ଇ) ଏସ୍.ଡି.ଓ. ନିତ୍ୟାନନ୍ଦ ସିଂ। ରାସ୍ତା ପ୍ରକଳ୍ପ ନିର୍ମାଣ ନେଇ ଠିକାଦାରଙ୍କ ପକ୍ଷରୁ କୌଣସି ସୂଚନା ଫଳକ ମଧ୍ୟ ରାସ୍ତା ନିର୍ମାଣ ସ୍ଥାନରେ ଲଗାଯାଇନାହିଁ। ସୂଚନା ଫଳକ ନେଇ ଆମେ ଏସ୍.ଡି.ଓ. ନିତ୍ୟାନନ୍ଦ ସିଂଙ୍କୁ ପଚାରିବାରୁ, ସେ ସୂଚନା ଫଳକ ଲଗାଯିବ କହି ଏଡେଇ ଯାଇଥିଲେ। ଏଠାରେ ପ୍ରଶ୍ନ ଉଠୁଛି ଯେ, ପାନପୋଷ ବ୍ରାହ୍ମଣୀ ନଦୀ ଉପରେ ଆଉ ଏକ ସେତୁ ନିର୍ମାଣ ଆରମ୍ଭ ନହୋଇ, ଦୁଇ ଲେନ୍ ରାସ୍ତା ନିର୍ମାଣ କେଉଁ ସ୍ୱାର୍ଥରେ କରାଯାଉଛି ! ପୂର୍ତ୍ତ ବିଭାଗ (ଆର୍ ଆଣ୍ଡ ବି) ପକ୍ଷରୁ ବ୍ରାହ୍ମଣୀ ସେତୁ ୨୦୨୭-୨୦୨୮ ବର୍ଷରେ ନିର୍ମାଣ କରାଯିବା ପାଇଁ ଡିପିଆର୍ ପ୍ରସ୍ତୁତ କରାଯାଇଥିବା ବେଳେ, ରାସ୍ତା ନିର୍ମାଣ କେଉଁ ସ୍ୱାର୍ଥରେ ପ୍ରଥମେ ସମ୍ପୂର୍ଣ୍ଣ କରିବାକୁ ସ୍ଥିର କରାଯାଇଛି ବୋଲି ପ୍ରଶ୍ନ ଉଠୁଛି। ଏଠାରେ ସ୍ମରଣଯୋଗ୍ୟ ଯେ, ଟିସିଆଇ ଛକରୁ ବ୍ରାହ୍ମଣୀ ନଦୀ ପର୍ଯ୍ୟନ୍ତ ଚାରି ଲେନ୍ ରାସ୍ତା ନିର୍ମାଣ ପାଇଁ ସୁପ୍ରୀୟା କନଷ୍ଟ୍ରକସନକୁ ଠିକା ଦିଆଯାଇଥିବା ବେଳେ, ୯.୫ ଫୁଟ ଚଉଡା ବିଶିଷ୍ଟ ଡିଭାଡର ନିର୍ମାଣ ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କ୍ଲିଅରାନ୍ସ ଅଦ୍ୟାବଧି ମିଳିପାରି ନାହିଁ। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଡିଭାଇଡରରେ ଥିବା ବିଦେଶୀ ଦାମୀ ଗଛକୁ ସେଠାରୁ ଉଠାଇ ଅନ୍ୟତ୍ର ପ୍ରତିରୋପଣ ପାଇଁ ପୂର୍ତ୍ତ ବିଭାଗ (ଆର୍ ଆଣ୍ଡ ବି) ପକ୍ଷରୁ ୫,୮୪୦୦୦ (୫ ଲକ୍ଷ ୮୪ ହଜାର) ଟଙ୍କା ଜଙ୍ଗଲ ଓ ପରିବେଶ ବିଭାଗକୁ ପ୍ରଦାନ କରିଯାଇଥିଲେ ମଧ୍ୟ, ଏପର୍ଯ୍ୟନ୍ତ ଜଙ୍ଗଲ ଓ ପରିବେଶ ବିଭାଗ ତାହା କରିନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ସୁପ୍ରୀୟା କନଷ୍ଟ୍ରକସନ ମାଲିକ ପ୍ରଭାତ ସାହୁ। ଟିସିଆଇ ଛକରୁ ବ୍ରାହ୍ମଣୀ ସେତୁ ପର୍ଯ୍ୟନ୍ତ ୯୦୦ ମିଟର ଲମ୍ବ ଚାରି ଲେନ୍ ରାସ୍ତା ନିର୍ମାଣକୁ ନେଇ ପ୍ରଶ୍ନ ଉଠୁଥିବାବେଳେ, ଦକ୍ଷିଣ-ପୂର୍ବ ରେଳପଥ ଏବଂ ଟିସିଆଇ ଛକରୁ ବ୍ରାହ୍ମଣୀ ସେତୁ ରାସ୍ତା ମଧ୍ୟବର୍ତ୍ତୀ ଏରିୟାରେ ଏକ ୧୩ ମହଲା ବିଶିଷ୍ଟ ଆପାର୍ଟମେଂଟ ନିର୍ମାଣ ଯୋଗୁଁ ଏହି ଚାରି ଲେନ୍ ରାସ୍ତା ନିର୍ମାଣ ଜୋରସୋରରେ ଚାଲିଛି ବୋଲି ଚର୍ଚ୍ଚା ଚାଲିଛି। ଏହି ଚାରି ଲେନ୍ ରାସ୍ତା ନିର୍ମାଣ ହେଲେ, ନିର୍ମାଣାଧୀନ ଆପାର୍ଟମେଂଟ ପାଇଁ ଏହି ରାସ୍ତା ବିଶେଷ ସହାୟକ ହେବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ନିର୍ମାଣାଧୀନ ଆପାର୍ଟମେ[କୁ ଯିବା ଆସିବା କରୁଥିବା ଗାଡିଗୁଡିକର ଚକରେ ମାଟି ଲାଗି ପିଚୁ ରାସ୍ତାକୁ କର୍ଦ୍ଦମାକ୍ତ କରୁଥିବାରୁ ଏହି ବ୍ୟସ୍ତବହୁଳ ରାସ୍ତାରେ ସଡକ ଦୁର୍ଘଟଣା ଆଶଙ୍କା ଦେଖାଦେଇଛି। ଏଠାରେ ପ୍ରଶ୍ନ ଉଠୁଛି ଯେ, ନୂତନ ଭାବେ କୌଣସି ନୂଆ ପୋଲୋ (ସେତୁ) ତିଆରି କରିବା ପାଇଁ ଯୋଜନା ନଥିବା ବେଳେ କିପରି ଭାବରେ ପୂର୍ତ୍ତ ବିଭାଗ ପକ୍ଷରୁ ପୁରୁଣା ପୋଲୋ (ସେତୁ)କୁ ତରବରିଆ ଭାବରେ ନୂତନ ରାସ୍ତା ସହିତ ସଂଯୋଗ କରିବା ପାଇଁ ଯୋଜନା କରାଯାଇଛି। ଏହି ଯୋଜନା ମାଧ୍ୟମରେ ଯଦି ଉକ୍ତ ରାସ୍ତାକୁ ସଂଯୋଗ କରାଯାଏ, ତେବେ ରାସ୍ତାର ଦୁର୍ଘଟଣାକୁ ଆମନ୍ତ୍ରଣ କରାଯିବା ସହିତ ପରିପୂରକ ହେବ। ପୂର୍ତ୍ତ ବିଭାଗ ପକ୍ଷରୁ ଏହାକୁ ଜାଣି ମଧ୍ୟ ରାସ୍ତା ନିର୍ମାଣ କାର୍ଯ୍ୟକୁ ଜୋରଜବରଦସ୍ତ କରାଇବା ପାଇଁ ଉଦ୍ୟମ କରାଯାଉଛି। ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣଧୀନ ଚାରି ଲେନ୍ ରାସ୍ତାକୁ ନେଇ ପ୍ରଶ୍ନ ଉଠୁଥିଲା ବେଳେ, ଏହା କାହା ସ୍ୱାର୍ଥରେ ? ବ୍ରାହ୍ମଣୀ ସେତୁ ନିର୍ମାଣ ପୂର୍ବରୁ ରାସ୍ତା ନିର୍ମାଣ ଚାଲିଛି ବୋଲି, ଏହାକୁ ନେଇ ପ୍ରଶ୍ନ କରିଛନ୍ତି ବୁଦ୍ଧିଜୀବୀ ଏବଂ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ।

# ଦେଶି ମଦ ଚାଲାଣ ବେଳେ ଚଢାଉ, ୨ ଗିରଫ

ଜୟପୁର, ୧୪/୭(ନି/ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢାଉ କରି ୨ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ମୁଳାସର ଗ୍ରାମର ଭଦ୍ର ଭୁମିଆ, ରାଣିପୁଟ ଗ୍ରାମର ଝାଲି ହରିଜନ। ଦେଶି ମଦ ଚାଲାଣ ହେଉଥିବା ସୂଚନା ପାଇ ଜୟପୁର ଅବକାରି ଥାନା ମୁଳାସର ଓ ରାଣିପୁଟ ରାସ୍ତାରେ ଚଢାଉ କରିଛି। ଚଢାଉ କରି ୩୦ ଲିଟର ଦେଶି ମଦ ଜବତ କରିଛି।

# ଧର୍ମଶାଳାରେ ଆଂଚଳିକ ସୁଭଦ୍ରା ଶକ୍ତି ସମ୍ମିଳନୀ

ଧର୍ମଶାଳା,୧୪/୭(ନି/ପ୍ର): ଯାଜପୁର ଜିଲ୍ଲା ଧର୍ମଶାଳା ଷ୍ଟାଡିୟମ ପରିସରରେ ଆଂଚଳିକ ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମହିଳାମାନଙ୍କ ଆଲୋଚନାବେଳେ ଉପ ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଚେଷ୍ଟାରେ ମହିଳାମାନେ ଏବେ ସ୍ୱାବଲମ୍ବୀ ହୋଇଥିବା ସେ କହିଥିଲେ। ଧର୍ମଶାଳା ବିଧାୟକଙ୍କ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ, କୋରାଇ ବିଧାୟକ ଆକାଶ ଦାସ ନାୟକ ଓ ଜିଲ୍ଲା ସଭାନେତ୍ରୀ ଦେବଯାନୀ ପ୍ରଧାନଙ୍କ ସମେତ ସୁଭଦ୍ରା ଶକ୍ତି ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

# ଲାଠିକଟା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ରାଉରକେଲା,୧୪/୭(ନି/ପ୍ର): ଲାଠିକଟା ବ୍ଲକ କାର୍ଯ୍ୟାଳୟ ପରିସର ସ୍ଥିତ ପଂଚାୟତ ସମିତି ସଭାକକ୍ଷ ରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ରାଉରକେଲା ଆରକ୍ଷୀ ଅଧିକ୍ଷକ ନୀତେଶ ୱାଧୱାନୀ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୯୭ ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା। ସେଥି ମଧ୍ୟରୁ। ୨୭ ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୬୬ ଟି ସାମୁହିକ ଅଭିଯୋଗ ରହିଥିଲା। ଏଥି ମଧ୍ୟରୁ ୫ ଗୋଟି ଅଭିଯୋଗର ତତ୍ କ୍ଷଣାତ ସମାଧାନ କରାଯାଇଥିଲା। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ୪ ଜଣ ବ୍ୟକ୍ତି ଆବେଦନ କରିଥିଲେ। ସେମାନଙ୍କୁ ୩୭,୫୦୦ ଟାଙ୍କର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ରେ ଡିଏଫଓ ରବି ମୀ ନା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଂଜନ ସାହୁ, ଉପଜିଲ୍ଲାପାଳ ପାନପୋଷ ଚନ୍ଦ୍ରକାନ୍ତ ମଲ୍ଲିକ, ଗୋଷ୍ଠି ଉନ୍ନୟନ ଅଧିକାରୀ ମାନସ ସାହୁ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ କ୍ଷ ସୂଚନା ଯୋଗ୍ୟ ଯେ ଆସନ୍ତା ସୋମବାର ୨୦ ଜୁଲାଇରେ ବଡ଼ଗାଁ ବ୍ଲକ ରେ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

# ଟାଉନ୍ ଇଞ୍ଜିନିୟରିଂ ବୈଦ୍ୟୁତିକ ବିଭାଗ ପକ୍ଷରୁ ଆରଏସପିରେ ବିଦ୍ୟୁତ ବିତରଣ ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ସ୍ଥାୟୀ ଶକ୍ତିର ପ୍ରସାର



ରାଉରକେଲା,୧୪/୭(ନି/ପ୍ର): ସେଲ୍‌ର ଶାଖା ରାଉରକେଲା ଇସ୍ପାତ କାରଖାନା ର ଟାଉନ୍ ଇଞ୍ଜିନିୟରିଂ ବିଭାଗର ବୈଦ୍ୟୁତିକ ବିଭାଗ ପକ୍ଷରୁ ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ କେତେକ ରଣନୀତିକ ଭିନ୍ନିଭୂମି ପଦକ୍ଷେପ ମାଧ୍ୟମରେ ସହରାଂଚଳର ବିଦ୍ୟୁତ ବିତରଣ ନେଟୱର୍କକୁ ସୁଦୃଢ଼ କରିବା, ବିଦ୍ୟୁତର ବିଶ୍ୱସନୀୟତା ବୃଦ୍ଧି କରିବା ଏବଂ ଅକ୍ଷୟ ଶକ୍ତିକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରାଯାଇଛି। ମୋଟରଗୁଡ଼ିକର ସୁରୁଖୁରୁରେ ପରିଚାଳନା ନିଶ୍ଚିତ କରିବା ପାଇଁ ବିଭାଗ ପକ୍ଷରୁ ସେକ୍ଟର-୨୨ ଆବାସିକ କ୍ୱାର୍ଟର୍ସଗୁଡ଼ିକରେ ଏଲଟି ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ଏବଂ ସର୍ଭିସ ଲାଇନର ବ୍ୟାପକ ସଂଶୋଧନ କରାଯାଇଛି ଏବଂ ତାରାପୁର ଫିଲ୍ଟର ହାଉସ୍ ଓ ବୁଷ୍ଟର ପମ୍ପ ହାଉସରେ ତମ୍ବା ବିଦ୍ୟୁତ କେବୁଲ ବିଛାଯାଇଛି। ଏହା ସହିତ ବ୍ରାହ୍ମଣୀ ୱାଟର ୱର୍କ୍ସରୁ ସେକ୍ଟର-୮ ସବଷ୍ଟେସନ ପର୍ଯ୍ୟନ୍ତ ଫିଡର- ୭ ଓଭରହେଡ୍ ଲାଇନର ପୁନରୁଦ୍ଧାର ଏବଂ କାର୍ଯ୍ୟକ୍ଷମ କରିବା, ସେକ୍ଟର-୧୭ ଆଟେଣ୍ଡିଂ ସବଷ୍ଟେସନରେ ବସ୍-ବାର୍ ସଂଶୋଧନ, ଉଚ୍ଚ କ୍ଷମତା ସମ୍ପନ୍ନ ଭୂତଳ କେବୁଲ ବଦଳାଇବା ଓ ଯୋଡ଼ିବା ଏବଂ ଫିଡର-୭ ଓ ଫିଡର-୯ ନେଟୱର୍କର ସଂଶୋଧନ ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ ବିତରଣ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଛି। ଚଳିତ ବର୍ଷର ଅନ୍ୟତମ ପ୍ରମୁଖ ସଫଳତା ହେଉଛି ପ୍ରାୟ ଦଶ ବର୍ଷ ପରେ କାରଖାନାରୁ ସିଆଇଏସଏଫ କଲୋନୀ ଏବଂ ସିଆଇଏସଏଫ ବାରାକ ପର୍ଯ୍ୟନ୍ତ ୧୧ କେଭି ଜରୁରୀକାଳୀନ ବିଦ୍ୟୁତ ଲାଇନର ପୁନରୁଦ୍ଧାର, ଯାହା ଜରୁରୀକାଳୀନ ବିଦ୍ୟୁତ ବିଶ୍ୱସନୀୟତାକୁ ଯଥେଷ୍ଟ ବୃଦ୍ଧି କରିଛି। ଟ୍ରାନ୍ସଫର୍ମର-୫ ର ଭାକ୍ୟୁମ୍ ସର୍କିଟ୍ ବ୍ରେକର୍ କୁ ମଧ୍ୟ ସିମେନ୍ସ ନିର୍ମିତ ଉପକରଣ ବଦଳରେ ଏବିବି ନିର୍ମିତ ଉପକରଣ ଲଗାଇ ଅପଗ୍ରେଡ୍ କରାଯାଇଛି ଏବଂ ସଫଳତାର ସହ କାର୍ଯ୍ୟକ୍ଷମ କରାଯାଇଛି। ବୈଦ୍ୟୁତିକ ନେଟୱର୍କର ବିଶ୍ୱସନୀୟତାକୁ ଆହୁରି ସୁଧାରିବା ପାଇଁ, ବିଭାଗ ପକ୍ଷରୁ ୩ଟି ପାୱାର ଟ୍ରାନ୍ସଫର୍ମର ଏବଂ ୨୬ଟି ବିତରଣ ଟ୍ରାନ୍ସଫର୍ମରର ମରାମତି କରାଯାଇଛି। ଏହା ବ୍ୟତୀତ ଷ୍ଟିଲ୍ ଟାଉନସିପ୍‌ରେ ସ୍ଥାପିତ ତିନୋଟି ୬୩୦ କେଭିଏ, ପାଂଚଟି ୫୦୦ କେଭିଏ ଏବଂ ପାଂଚଟି ୨୫୦ କେଭିଏ ଟ୍ରାନ୍ସଫର୍ମରର ମରାମତି କାର୍ଯ୍ୟ କରାଯାଇଛି। ଇନଟେକ୍ ୱେଲ୍-୧ ଠାରେ କ୍ରେନ୍ ମେନ୍ କଣ୍ଟ୍ରାକ୍ଟରର ମରାମତି ଏବଂ ସର୍କିଟ ସଂଶୋଧନ ସମେତ ରକ୍ଷଣାବେକ୍ଷଣ କାର୍ଯ୍ୟ ମଧ୍ୟ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି।